ବର୍ଷ-୨୬, ସଂଖ୍ୟା-୨୬୬
ଭୁବନେଶ୍ୱର
ଅକ୍ଟୋବର, ୦୩, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 266
Bhubaneswar
October, 03, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



## ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ଖୁବଶୀଘ୍ର : ମନମୋହନ

ଭୁବନେଶ୍ୱର, ୨।୧୦(ମହାଭାରତ): ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ଖୁବଶୀଘ୍ର ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଗୃହ ମନ୍ତ୍ରୀ ଅମିତ୍‌ଶାହ ବୈଠକ ଡକାଇ ଆଲୋଚନା କରିଛନ୍ତି । ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବୈଠକ ହୋଇଛି । ଏହି ପ୍ରସଙ୍ଗରେ ଆଇନଗତ ଓ ରାଜନୈତିକ ସ୍ତରରେ ମଧ୍ୟ ଲମ୍ବା ପ୍ରକ୍ରିୟା ଚାଲିଆସିଛି। ଏବେ ଏହି 'ନେଭର ଏଣ୍ଡିଂ' ପ୍ରୋସେସ୍‌କୁ ଶେଷ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ଗୃହମନ୍ତ୍ରୀ। ଦୀର୍ଘଦିନର ସମସ୍ୟାର ସମାଧାନ ନିଶ୍ଚିତ ଭାବରେ ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

## ପୂଜା ପୂର୍ବରୁ ଦିଆଯିବ ବନ୍ୟା କ୍ଷତିପୂରଣ

ଭୁବନେଶ୍ୱର, ୨।୧୦(ମହାଭାରତ) ପୂଜା ପୂର୍ବରୁ ୧୦ ତାରିଖ ସୁଦ୍ଧା ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ସମୟ ପୂର୍ବରୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ୨୬୧ କୋଟି ପ୍ରଥମ ପର୍ଯ୍ୟାୟରେ କ୍ଷତିପୂରଣ ଦିଆଯାଇଛି। ଦକ୍ଷିଣ ଓଡ଼ିଶାକୁ ୨୦ କୋଟି ଟଙ୍କା ଦିଆଯାଇଛି। ଯେତେଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଆସିବ କ୍ଷତିପୂରଣ ଯୋଗାଇ ଦିଆଯିବ। ବନ୍ୟା ସମୟରେ ଅବହେଳା ପାଇଁ ଚାନ୍ଦବାଲି ବିଡିଓ ନିଲମ୍ବିତ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ସରକାରୀ ଅଧିକାରୀଙ୍କ ଅବହେଳା ଅକ୍ଷମଣୀୟ।

# ଗାନ୍ଧୀଜୀଙ୍କ ଆଦର୍ଶରେ ଅଗ୍ରସର ହେଉଛୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨।୧୦(ମହାଭାରତ): ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନେ ଆଜି ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଓଡ଼ିଶା ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ମହାନ ଯୁଗପୁରୁଷ ଦ୍ୱୟଙ୍କ ଅତୁଳନୀୟ ତ୍ୟାଗ, ନୈତିକତା ଏବଂ ଦେଶସେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଚିର ପ୍ରେରଣାର ଉତ୍ସ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାତ୍ମା ଗାନ୍ଧୀ କେବଳ ଭାରତକୁ ସ୍ୱାଧୀନତା ଦେଇ ନଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ।ସେ କହିଥିଲେ ଯେ ଗାନ୍ଧୀଜୀଙ୍କ ମୁଖ୍ୟ ସ୍ୱପ୍ନ ଥିଲା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ସେବା କରିବା, ସ୍ୱଚ୍ଛତା ବଜାୟ ରଖିବା ଏବଂ ସ୍ୱଦେଶୀକୁ ଆପଣାଇବା ।ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନ ସାକାର ହେବାକୁ ଯାଉଛି ।

ସ୍ୱଚ୍ଛତା ଆଜି ଦେଶରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିବା ବେଳେ ସ୍ୱଦେଶୀ ମନ୍ତ୍ର 'ଆତ୍ମନିର୍ଭର ଭାରତ' ଗଠନରେ ବଳିଷ୍ଠ ସହାୟକ ହେଉଛି। ସମାଜର ଅନ୍ତିମ ବ୍ୟକ୍ତି ପାଖରେ ବିକାଶ ପହଞ୍ଚାଇବା ପାଇଁ ଆରମ୍ଭ କରାଯାଇଥିବା 'ଅନ୍ତ୍ୟୋଦୟ ଯୋଜନା' ମାଧ୍ୟମରେ ଗରିବ ଜନସାଧାରଣଙ୍କୁ ସଶକ୍ତ କରାଯାଉଛି।

ସେହିପରି ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନ, ଉଚ୍ଚ ଚିନ୍ତାଧାରା ଏବଂ ସଚ୍ଚୋଟତା ସମଗ୍ର ସମାଜ ପାଇଁ ଏକ ଶ୍ରେଷ୍ଠ ନିଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶାସ୍ତ୍ରୀଜୀଙ୍କ ନିଃସ୍ୱାର୍ଥପର ଦେଶସେବା ଏବଂ ତାଙ୍କର 'ଜୟ ଜବାନ, ଜୟ କିଷାନ'ର ଓଜସ୍ୱୀ ଆହ୍ୱାନ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଶକ୍ତି ସଞ୍ଚାର କରିଥିଲା ବୋଲି ସେ କହିଥିଲେ ।ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସା ଏବଂ ଶାସ୍ତ୍ରୀଜୀଙ୍କ କର୍ମନିଷ୍ଠା ଓ ଦେଶସେବାକୁ ଆଦର୍ଶ ରୂପେ ଗ୍ରହଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ କରିବା ପାଇଁ ଆମର ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରାମଧୂନ ପରିବେଷଣ କରାଯାଇଥିଲା ।

ବିଧାନସଭା ପରିସରରେ ଆୟୋଜିତ ପ୍ରାର୍ଥନା ସଭାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଶାସକ ଦଳର ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ, ବିଧାୟକ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ପୁଣି ବ୍ୟାଂକକୁ ଉଡିବ ବିମାନ

ଭୁବନେଶ୍ୱର, ୨।୧୦(ମହାଭାରତ): ଆଜି ଠାରୁ ଭୁବନେଶ୍ୱରରୁ ବ୍ୟାଙ୍କକ ପାଇଁ ପୁଣି ଆରମ୍ଭ ହେବ ବିମାନ ସେବା । ପ୍ରାୟ ୩ ମାସ ପରେ ପୁଣି ଭୁବନେଶ୍ୱରରୁ ବ୍ୟାଂକକକୁ ଉଡିବ ବିମାନ । ଏହି ବିମାନ ସପ୍ତାହକୁ ଦୁଇ ଥର ଚାଲିବ ବୋଲି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରଶନ ପ୍ରଧାନ କହିଛନ୍ତି ।

ଏହା ସହ ସେ କହିଛନ୍ତି ଯେ, କୌଣସି କାରଣ ପାଇଁ ବିମାନ ସେବା ବନ୍ଦଥିଲା। ଆଜିଠାରୁ ବିମାନ ନମ୍ବର ୧୦୬୫ ପୁଣିଥରେ ଆରମ୍ଭ ହେଉଛି । ଆଜି ରାତି ୧୧.୦୫ରେ ବିମାନଟି ଭୁବନେଶ୍ୱରରୁ ବାହାରିବ । ଆଉ ସେଠାରୁ କାଲି ସକାଳ ୫.୩୦ରେ ବାହାରିବ । ଆସନ୍ତା ୨୫ ତାରିଖରୁ ରାତି ନୁହଁ ଏହି ବିମାନଟି ଦିନରେ ଚାଲିବ । ଶୀତ ଋତୁ ଆସିଲା ପରେ ଦିନ ୧୧ଟାରେ ବିମାନଟି ଭୁବନେଶ୍ୱରରେ ପହଞ୍ଚିବ । ଆଉ ଦିନ ଗୋଟାଏରୁ ଭୁବନେଶ୍ୱରରୁ ବାହାରିବ । ଭୁବନେଶ୍ୱର ବିମାନ ବନ୍ଦରରୁ ଇଣ୍ଟରନ୍ୟାସନାଲ ଫ୍ଲାଇଟ ବନ୍ଦ ହେବା ପରେ ଏହା ଆନ୍ତର୍ଜାତୀୟ ବିମାନ ବନ୍ଦର ପରି ଲାଗୁ ନଥିଲା । ବ୍ୟାଂକକ ବିମାନ ସେବା ଚାଲୁ ହେବା ପରେ ଓଡିଶା ତଥା ଭୁବନେଶ୍ୱର ବିମାନ ବନ୍ଦର ପାଇଁ ଭଲ ଖବର । ବ୍ୟାଂକକ ପାଇଁ ଭୁବନେଶ୍ୱରରୁ ଭଲ ଯାତ୍ରୀ ହେଉଛନ୍ତି। ଆଗାମୀ ଦିନରେ ଦୁବାଇ ବିମାନ ସେବା ପାଇଁ ଚେଷ୍ଟା କରାଯାଉଛି । ସେଠାକାର କଣ୍ଡିସନ ଧୀରେ ସୁଧାର ଆସୁଛି ବୋଲି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରଶନ ପ୍ରଧାନ କହିଛନ୍ତି । ଅନ୍ୟପକ୍ଷରେ ବର୍ତ୍ତମାନ ଭୁବନେଶ୍ୱରରୁ ଦୈନିକ ପ୍ରାୟ ୯୦ରୁ ୧୦୦ଟି ବିମାନ ଚଳାଚଳ କରୁଛି ।

# ୪୪ ବର୍ଷ ପରେ ଏସିଆନ ଗେମ୍ସରେ ମହିଳା ହକିରେ ଭାରତକୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ୨।୧୦(ମହାଭାରତ): ଦୀର୍ଘ ୪୪ ବର୍ଷ ପରେ ଏସିଆନ ଗେମ୍ସରେ ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛି । ଭାରତ ଶେଷ ଥର ୧୯୮୨ ଦିଲ୍ଲୀରେ ଆୟୋଜିତ ଏସିଆନ ଗେମ୍ସର ମହିଳା ହକିରେ ସ୍ୱର୍ଣ୍ଣ ଜିତିଥିଲା। ଲାରେମସିଆମିଙ୍କ ଏକମାତ୍ର ଗୋଲ ଭାରତକୁ ବିଜୟ ଭେଟି ଦେଇଛି। ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ ଚାମ୍ପିୟନ ହେବା ମାତ୍ରେ ସିଧାସଳଖ ୨୦୨୮ ଲସ ଆଞ୍ଜେଲେସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛି । ନିକଟରେ ଶେଷ ହୋଇଥିବା ମହିଳା ହକି ବିଶ୍ୱକପରେ ଭାରତ ୫ମ ସ୍ଥାନରେ ନିଜର ଅଭିଯାନ ଶେଷ କରିଥିଲା। ହେଲେ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିପାରିଛି। ସ୍ୱର୍ଣ୍ଣ ବିଜେତା ମହିଳା ଦଳ ପାଇଁ ପୁରସ୍କାର ଘୋଷଣା କଲା ହକି ଇଣ୍ଡିଆ । ପ୍ରତି ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା । କୋଚ୍ ଓ ଅନ୍ୟ ସପୋର୍ଟ ଷ୍ଟାଫଙ୍କ ପାଇଁ ୫.୫ ଲକ୍ଷର ପୁରସ୍କାର ରାଶି ଘୋଷଣା କରାଯାଇଛି ।ଜାପାନରେ ଚାଲିଥିବା ଏସିଆନ ଗେମ୍ସ ୨୦୨୬ରେ ନୂଆ ଇତିହାସ ରଚିବା ଲକ୍ଷ୍ୟରେ ଯାଇଥିଲା ଭାରତୀୟ ମହିଳା ହକି ଟିମ। ଆଉ ଫାଇନାଲରେ ଦଳ ଆରମ୍ଭରୁ ହିଁ ଏହାକୁ ସାକାର କରିବା ଦିଗରେ ଆଗେଇ ଚାଲିଥିଲା।



ଚାଇନା ଡିଫେଣ୍ଡିଂ ଚାମ୍ପିୟନ ହୋଇଥିଲେ ହେଁ ଭାରତୀୟ ମହିଳା ଦଳ ଗୋଲ ସ୍କର କରି ଖାତା ଖୋଲିଥିଲା। ମ୍ୟାଚ୍‌ର ୧୦ମ ମିନିଟ୍‌ରେ ନିଜର ୨୦୦ତମ ମ୍ୟାଚ୍ ଖେଳୁଥିବା ଲାରେମସିଆମି ଗୋଲ କରି ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲେ। ପ୍ରଥମ କ୍ୱାର୍ଟର ଭାରତ ନିୟନ୍ତ୍ରଣରେ ରହିଥିଲା। ହେଲେ ଦ୍ୱିତୀୟ କ୍ୱାର୍ଟର ଠାରୁ ଚାଇନା ଘନଘନ ଆକ୍ରମଣ କରିଥିଲା। ଭାରତ କେବଳ ଡିଫେନ୍ସରେ ଅଧିକ ଧ୍ୟାନ ଦେଇଥିଲା। ହେଲେ ଦ୍ୱିତୀୟ କ୍ୱାର୍ଟରରେ ଡି' ଭିତରେ ତ୍ରୁଟି ଭାରତୀୟ ଖେଳାଳି ତ୍ରୁଟି କରିବାରୁ ଚାଇନାକୁ ମିଳିଥିଲା ପେନାଲ୍ଟି ଷ୍ଟ୍ରୋକ୍।

ଏହି ନିଷ୍ପତ୍ତି ଭାରତୀୟ ଫ୍ୟାନ୍ସଙ୍କ ଛାତିକୁ ପୂରା ଧଡଧଡ କରି ଦେଇଥିଲା। ଲାଗୁଥିଲା ସ୍ଥିତି ବରାବର କରିଦେବ ଚାଇନା। ହେଲେ ଗୋଲ ପୋଷ୍ଟ ଆଗରେ ଖୁଣ୍ଟ ଭଳି ରହିଥିଲେ ସବିତା ପୁନିଆ। ଭାରତର ଅନ୍ୟତମ ଅଭିଜ୍ଞ ଖେଳାଳି ସବିତା ହାର ମାନିବା ସ୍ଥିତିରେ ନଥିଲେ। ପେନାଲ୍ଟି ଷ୍ଟ୍ରୋକକୁ ମଧ୍ୟ ସେ ଅଟକାଇ ଦେଇ ଭାରତୀୟ ଖେଳାଳି ଓ ଫ୍ୟାନ୍ସଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଥିଲେ। ସବିତା ପେନାଲ୍ଟି ଷ୍ଟ୍ରୋକ ଟାଳିଥିଲେ ମଧ୍ୟ ବିପଦ ଟଳି ନଥିଲା। ଚାଇନା ହାଫ ଟାଇମ ପରେ ମଧ୍ୟ ଏକାଧିକ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା। ଭାରତୀୟ ଖେଳାଳି ମିଡଫିଲ୍ଡରେ ତ୍ରୁଟି ମଧ୍ୟ କରିଥିଲେ। ଏହା ସତ୍ତ୍ୱେ ଚାଇନା ଗୋଲ କରିବାକୁ ସକ୍ଷମ ହୋଇ ନଥିଲା। ଭାରତ ଶେଷ କ୍ୱାର୍ଟରରେ ପୂରା ଡିଫେନ୍ସିଭ ଆଭିମୁଖ୍ୟ ଦେଖାଇଥିଲା। ଏହାକୁ ଦେଖି ମ୍ୟାଚ୍ ସରିବାକୁ ୩.୨୭ ମିନିଟ ବାକିଥିବା ବେଳେ ଚାଇନା ନିଜର ଗୋଲକିପରଙ୍କୁ କି ନେଇଥିଲା। ଅଧିକ ଜଣେ ଖେଳାଳିଙ୍କ ସହ ଆକ୍ରମଣ କରିଥିଲା ।ହେଲେ ସଲିମା ଟେଟଙ୍କ ଟିମ ଇତିହାସ ରଚିବା ମୁଡରେ ଥିଲା। ଅଭିଜ୍ଞ ନେହା ଓ ନବନୀତ କୌରଙ୍କ ସମେତ ଓଡିଶାର ସୁନେଲିତା ଟପୋ ଚାଇନାର ସବୁ ଆକ୍ରମଣକୁ ପଣ୍ଡ କରି ଦେଇଥିଲେ। ଆଉ ଭାରତକୁ ୪୪ ବର୍ଷ ପରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଭେଟି ଦେଇଥିଲେ। ୧୯୮୨ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଡେବ୍ୟୁ କରିବା ସହ ରାଉଣ୍ଡ ରବିନ ଫର୍ମାଟରେ ଅପରାଜେୟ ରହି ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହା ଆଜି ଯାଏ ଭାରତୀୟ ମହିଳା ଦଳର ଏକମାତ୍ର ଏସୀୟ ସ୍ୱର୍ଣ୍ଣ ଥିଲା।

### ଏମଏମଡିଆର ପ୍ରସଙ୍ଗ

# ବିଜେଡ଼ି ସରକାର ସମୟରେ ଘରୋଇ କମ୍ପାନୀକୁ ଅନୁକମ୍ପା ଦେବା ପଛର ରହସ୍ୟ କ'ଣ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨।୧୦(ମହାଭାରତ)- ଓଡ଼ିଶାରେ ଏମ୍‌ଏମ୍‌ଡିଆର୍ ଆଇନ ଏବଂ ପ୍ରାକୃତିକ ସମ୍ପଦ ଯୋଗାଣକୁ ନେଇ ବିଜୁ ଜନତା ଦଳ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବାରମ୍ବାର ମିଛ କଥା କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ । ଓଡ଼ିଶାର ଜନସାଧାରଣ ଏତେ ବୋକା ନୁହଁନ୍ତି ଯେ, ଏକା ମିଛକୁ ବାରମ୍ବାର କହିଲେ ତାହାକୁ ସତ ବୋଲି ଗ୍ରହଣ କରିନେବେ । ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ଗତକାଲିର ରାୟରୁ ସ୍ପଷ୍ଟ ହୋଇଛି ଯେ, ଗତ ବିଜେଡି ସରକାର କିଭଳି ଭାବେ ଘରୋଇ କମ୍ପାନୀମାନଙ୍କୁ ଘଣ୍ଟ ଘୋଡ଼ାଇ ଅହେତୁକ ଅନୁକମ୍ପା ଦେବାର ବାଟ ତିଆରି କରିଥିଲେ । ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସମ୍ପର୍କରେ ଏକ୍ସରେ ପୋଷ୍ଟ କରିଛନ୍ତି ।

ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ହାଇକୋର୍ଟ ଏକ ନିର୍ଦ୍ଦିଷ୍ଟ ଘରୋଇ ଶିଳ୍ପ ସଂସ୍ଥାକୁ ୨୦୦୪ ମସିହାରେ ବିଜୁ ଜନତା ଦଳ ସରକାର ଦ୍ୱାରା ଦିଆଯାଇଥିବା ୧୫୦ ନିୟୁତ ଟନ୍ ବକ୍ସାଇଟ୍ ଯୋଗାଣ ଦାବିକୁ ସ୍ପଷ୍ଟ ଭାବେ ଖାରଜ କରିଦେଇଛନ୍ତି । ପ୍ରାକୃତିକ ସମ୍ପଦକୁ ନେଇ ପୁରୁଣା ପ୍ରତିଶ୍ରୁତି ଦେଖାଇ ଚାଲୁଥିବା ଆଇନକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ମାନ୍ୟବର ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । କେନ୍ଦ୍ରର ମୋଦୀ ସରକାରଙ୍କ ସ୍ୱଚ୍ଛ ଏମ୍‌ଏମ୍‌ଡିଆର୍ ଆଇନ ଏବଂ ଏମସିଆର୍ ୨୦୧୬ ନିୟମ ୪୫ ସଂଶୋଧନ ପରେ ବକ୍ସାଇଟର ହାରାହାରି ବିକ୍ରୟ ମୂଲ୍ୟରେ କନଭର୍ସନ ଫ୍ୟାକ୍ଟର ଲାଗୁ ହୋଇଥିଲା । ଏହାଦ୍ୱାରା ବକ୍ସାଇଟ୍ ର ଦର ପ୍ରତି ଟନ୍‌ରେ ୭୫୦ ଟଙ୍କାରୁ ୧୭୦୭ ଟଙ୍କାକୁ ବୃଦ୍ଧି ପାଇଥିଲା । ଏହି ନିୟମ ଯୋଗୁଁ ଓଡ଼ିଶା ଖଣି ନିଗମ (ଓଏମସି) ଲାଭବାନ୍ ହେବା ସହ ଓଡ଼ିଶାକୁ ରୋୟାଲଟି, ଡିଏମ୍‌ଏଫ୍ ଏବଂ ଏନ୍‌ଏମ୍‌ଇଟି ଜରିଆରେ ହଜାର ହଜାର କୋଟି ଟଙ୍କାର ବର୍ଦ୍ଧିତ ରାଜସ୍ୱ ମିଳିଆନ୍ତା ।



କିନ୍ତୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ୧ ଫେବ୍ରୁଆରୀ ୨୦୨୦ (ଚିଠି ନଂ-୧୦୪୪) ଏବଂ ୭ ଅକ୍ଟୋବର ୨୦୨୦ (ଚିଠି ନଂ-୮୫୬୯/ଏସଏମ୍) ରେ ପୃଥକ ଚିଠି ଲେଖି କନଭର୍ସନ ଫ୍ୟାକ୍ଟରକୁ କମାଇ ଘରୋଇ କମ୍ପାନୀ ଚାହୁଁଥିବା ସର୍ବନିମ୍ନ ଦର ଲାଗୁ କରିବା ପାଇଁ ଅନୁରୋଧ କରିଥିଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏକ ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀକୁ ଅନୁକମ୍ପା ଦେବା ପାଇଁ ଏହି ଚିଠି ଲେଖାଯାଇଥିଲା, ଯାହାକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଥିଲେ।

ଏହି ସନ୍ଦର୍ଭରେ ଶ୍ରୀ ପ୍ରଧାନ ନବୀନ ବାବୁଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ରଖିବାକୁ ଦାବି କରିଛନ୍ତି । ରାଜ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ନିୟମକୁ କାର୍ଯ୍ୟକାରୀ ନକରି, ତାହାକୁ ପୁନର୍ବିଚାର କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ପଛରେ ଆପଣଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା କାହା ସ୍ୱାର୍ଥରେ ଏବଂ କାହାକୁ ସୁହାଇବା ପାଇଁ ଆପଣ ଏପରି ପଦକ୍ଷେପ ନେଇଥିଲେ ଗୋଟିଏ ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀ ଉପରେ ଦୀର୍ଘ ଦିନ ଧରି ପ୍ରାୟ ୫,୪୦୦ କୋଟି ଟଙ୍କା ବକେୟା ପଡ଼ିରହିବା ଆପଣଙ୍କ ଭୁଲ୍ ନିଷ୍ପତ୍ତିର ପରିଣାମ ନୁହେଁ କି ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ, ରାଜ୍ୟର ଲକ୍ଷ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି କରି ଏକ ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେବା ପଛର ପ୍ରକୃତ ରହସ୍ୟ କ'ଣ ନବୀନ ବାବୁ ବାସ୍ତବତାକୁ ସ୍ୱୀକାର କରି ଓଡ଼ିଶାବାସୀଙ୍କ ନିକଟରେ ସତ୍ୟ ପ୍ରକାଶ କରନ୍ତୁ ଏବଂ ବିଭ୍ରାନ୍ତିକର ତଥ୍ୟ ଦେବା ବନ୍ଦ କରନ୍ତୁ ବୋଲି ଶ୍ରୀ ପ୍ରଧାନ ସ୍ପଷ୍ଟ କରିଛନ୍ତି ।

## ପୁଣି ବଢ଼ିବ ଓମଫେଡ୍ କ୍ଷୀର ଦର

ଭୁବନେଶ୍ୱର, ୨।୧୦(କେଏନଏସ):: ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ ହୋଇଛି। କ୍ଷୀର ଦାମ ବୃଦ୍ଧି କରିବାକୁ ଓମଫେଡ୍ ନିଷ୍ପତି ନେଇଛି । ଲିଟର ପିଛା କ୍ଷୀର ଦାମ ୨ରୁ ୪ ଟଙ୍କା ବୃଦ୍ଧି କରିଛି ଓମଫେଡ୍ । ଏହି ନୂତନ ଦର ଆସନ୍ତା ୪ ତାରିଖରୁ ଲାଗୁ ହେବ । ଟୋନ୍‌ଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି । ଟୋନ୍ଡ କ୍ଷୀର ଲିଟର ୫୪ ଟଙ୍କାରୁ ବୃଦ୍ଧି ପାଇ ହେବ ୫୮ ଟଙ୍କା ହେବ । ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୨ ଟଙ୍କା ବୃଦ୍ଧି ହେବ । ସେହିପରି ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ଲିଟର ୫୮ ଟଙ୍କାରୁ ୬୦ ଟଙ୍କା ହେବ । ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ ଦାମ୍ ୧ ଟଙ୍କା ବୃଦ୍ଧି ହେବ । ଗୋଲ୍ଡ ପ୍ଲସ୍ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ପାଇବ । ଗୋଲ୍ଡ ଦୁଗ୍ଧ ଲିଟର ପ୍ରତି ୬୪ ଟଙ୍କାରୁ ବୃଦ୍ଧି ପାଇ ୬୬ ଟଙ୍କା ହେବ । ଓମଫେଡ୍ ପରିଚାଳନା କମିଟି ବୈଠକରେ ଦର ବୃଦ୍ଧି ନେଇ ନିଷ୍ପତ୍ତି ନିଆଯାଇଛି । ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ଯୋଗୁଁ ଉତ୍ପାଦନ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ଓମଫେଡ୍ ପକ୍ଷରୁ କୁହାଯାଇଛି । ତେବେ ଗତ ୫ ମାସ ମଧ୍ୟରେ ଓମଫେଡ୍ ଦ୍ୱିତୀୟ ଥର ପାଇଁ ଦରରେ ବୃଦ୍ଧି କରିଛି । ଏହା ପୂର୍ବରୁ ସେପ୍ଟେମ୍ବର ୯ ତାରିଖରେ ଚାଷୀଙ୍କ ଠାରୁ କ୍ଷୀର ସଂଗ୍ରହ ଦର ୨ ଟଙ୍କା ବଢ଼ାଯାଇଥିଲା ।

# ପୁଣି ଡରାଇଲାଣି ଅକ୍ଟୋବର

ଭୁବନେଶ୍ୱର, ୨।୧୦(ମହାଭାରତ): ଅକ୍ଟୋବର ଆରମ୍ଭରୁ ବଙ୍ଗୋପସାଗରରେ ବାତ୍ୟା ଭୟ ସୃଷ୍ଟି ହେଲାଣି। ଗୋଟିଏ ପଟେ ସାରା ଦେଶରୁ ମୌସୁମୀ ବିଦାୟ ନେଉଥିବା ବେଳେ ଅନ୍ୟପଟେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ଏବଂ ତୃତୀୟ ସପ୍ତାହରେ ଅବପାତ ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି। ବିଭାଗର ଆକଳନ ଅନୁଯାୟୀ ୧୨ ତାରିଖ ପାଖାପାଖି ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବାର ସମ୍ଭାବନା ରହିଛି। ପ୍ରଭାବରେ ୧୩ ତାରିଖ ବେଳକୁ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମଶଃ ଏହା ଅଧିକ ଘନୀଭୂତ ହୋଇ ଅକ୍ଟୋବର ୧୫ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଂଶ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଅବପାତରେ ପରିଣତ ହେବର ସମ୍ଭାବନା ରହିଛି।



ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଅକ୍ଟୋବର ୧ରୁ ଉତ୍ତର ବଙ୍ଗୋପସାଗରରେ ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁ ଆରମ୍ଭ ହୋଇସାରିଛି। ଅକ୍ଟୋବର ପ୍ରଥମ ସପ୍ତାହ ଶେଷ କିମ୍ବା ଦ୍ୱିତୀୟ ସପ୍ତାହ ଆରମ୍ଭ ବେଳକୁ ଓଡିଶା ସମେତ ପ୍ରାୟ ଅଗ୍ରାଧିକ ରାଜ୍ୟରୁ ମୌସୁମୀ ବିଦାୟ ନେଇସାରିଥିବ। ଏଥିସହ ବାତ୍ୟା ଋତୁର ପ୍ରାରମ୍ଭ ଜାରି ହୋଇସାରିଥିବ। ତେଣୁ ବାତ୍ୟା ହେବାର ସମ୍ଭାବନା ଅଧିକ ରହୁଥିବା ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ କୁହାଯାଇଛି। ସମ୍ଭାବ୍ୟ ଅବପାତ ଅଧିକ ଘନୀଭୂତ ହେବ କି ନାହିଁ ସେନେଇ କେଣସି ଆକଳନ କରାଯାଇ ନାହିଁ। ତେବେ ଏହା ଦକ୍ଷିଣ ଓଡିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳ ଆଡକୁ ଆସିପାରେ ବୋଲି ବିଶ୍ୱସ୍ତରୀୟ ପାଣିପାଗ ମଡେଲ୍‌ଗୁଡିକ ଆକଳନ କରିଛନ୍ତି। ପୂର୍ବରୁ ୨୦୧୪ ଅକ୍ଟୋବର ୧୨ରେ ହୁଡୁହୁଡ, ୨୦୧୩ ଅକ୍ଟୋବର ୧୧ରେ ଫାଇଲିନ୍, ୨୦୧୮ ଅକ୍ଟୋବର ୧୦ରେ ତିତିଲି, ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଓଡ଼ିଶାରେ ଅନେକ କ୍ଷୟକ୍ଷତି କରିଥିବା ବେଳେ ବର୍ତ୍ତମାନର ଆକଳନ ଆଉ ଏକ ନୂଆ ଡର ସୃଷ୍ଟି କରିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଆକଳନ କରିଛନ୍ତି ଯେ ଦ୍ୱିତୀୟ ସପ୍ତାହରେ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବାତ୍ୟା ଗଠନ ହୋଇପାରେ। ଅକ୍ଟୋବର ପର୍ଯ୍ୟନ୍ତ ଖରା, ଉଚ୍ଚ ତାପମାତ୍ରା ଓ ଅଧିକ ଆର୍ଦ୍ରତା ଯୋଗୁଁ ୮ରୁ ୧୫ ତାରିଖ ମଧ୍ୟରେ ଘୂର୍ଣ୍ଣିବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଗଠନ ସ୍ଥଳ, ତୀବ୍ରତା ଓ ଗତିପଥ ଏପର୍ଯ୍ୟନ୍ତ ଅନିଶ୍ଚିତ ରହିଛି। ଓଡ଼ିଶା ପ୍ରତି କୌଣସି ବିପଦର ବିଶ୍ୱସନୀୟ ସଙ୍କେତ ଏପର୍ଯ୍ୟନ୍ତ ମିଳିନାହିଁ। ବିଭିନ୍ନ ବିଶ୍ୱସ୍ତରୀୟ ମଡେଲ୍‌ଗୁଡିକ ଦ୍ୱିତୀୟ ସପ୍ତାହ ମଧ୍ୟରେ ବଙ୍ଗୋପସାଗର/ଆଣ୍ଡାମାନ ଅଞ୍ଚଳରେ ପରିସଞ୍ଚଳନ କିମ୍ବା ଚାପ ହ୍ରାସର ସଙ୍କେତ ଦେଉଛନ୍ତି। ଏକ ବିସ୍ତୃତ ଘୂର୍ଣ୍ଣିବାତ୍ୟା ଗଠନ ପାଇଁ ଅନୁକୂଳ ପରିବେଶର ସଙ୍କେତ ମିଳୁଛି। ତେବେ ନିର୍ଦ୍ଦିଷ୍ଟ ଗଠନ ତାରିଖ ଓ ସ୍ଥାନ ଏପର୍ଯ୍ୟନ୍ତ ଅନିଶ୍ଚିତ ବୋଲି ସେ କହିଛନ୍ତି।

୧୯୦୧ରୁ ୨୦୨୬ ମଧ୍ୟରେ ମୌସୁମୀ ଋତୁ ଅର୍ଥାତ୍ ଜୁନ୍ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ସର୍ବାଧିକ ବର୍ଷା ପରିମାଣ ମଧ୍ୟରେ ଚଳିତ ବର୍ଷ ଚତୁର୍ଥ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ୧୯୬୧ରେ ସର୍ବାଧିକ ୧୫୪୨.୧ ମିମି ବର୍ଷା ହୋଇଥିବା ବେଳେ ୨୦୦୬ରେ ୧୫୦୮.୮ ମିମି, ୧୯୫୬ରେ ୧୪୯୯.୫ ମିମି, ୨୦୨୬ରେ ୧୪୮୪.୩ ମିମି ଓ ୧୯୩୬ରେ ୧୪୬୯.୯ ମିମି ବର୍ଷା ହୋଇଛି।

# ଜଳ ଜୀବନ ମିଶନରେ ପୂର୍ବ ସରକାରଙ୍କ ଦୁର୍ବଳ କାର୍ଯ୍ୟାନ୍ୱୟନକୁ ପଦାରେ ପକାଇଲା ସିଏଜି ରିପୋର୍ଟ

ଭୁବନେଶ୍ୱର, ୦୨ ଅକ୍ଟୋବର (ହି.ସ) - ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ୨୦୧୯ରେ ଜଳ ଜୀବନ ମିଶନ ଆରମ୍ଭ କରିଥିଲେ। ୨୦୨୪ ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ନଳ ଯୋଗେ ପର୍ଯ୍ୟାପ୍ତ ଓ ନିରାପଦ ପାନୀୟଜଳ ପହଁଚାଇବା ଏହାର ଲକ୍ଷ୍ୟ ଥିଲା। କିନ୍ତୁ ଅଗଷ୍ଟ ୨୦୧୯ରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଓଡ଼ିଶାରେ ଏହାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ମହାଲେଖା ନିୟନ୍ତ୍ରକ (ସିଏଜି) ରିପୋର୍ଟ ପୂର୍ବ ସରକାରଙ୍କ ଯୋଜନା, ତଦାରଖ ଓ କାର୍ଯ୍ୟ ସମ୍ପାଦନ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଓଡ଼ିଶାବାସୀଙ୍କୁ ପାନୀୟ ଜଳ ଯୋଗାଇବାରେ ଅକ୍ଷମ ଥିଲା ବିଜେଡି ସରକାର ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଥିବାର ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ପଣ୍ଡା କହିଛନ୍ତି ଯେ, ରାଜ୍ୟର ୮୮.୬୮ ଲକ୍ଷ ଗ୍ରାମୀଣ ପରିବାର ମଧ୍ୟରୁ ମାର୍ଚ୍ଚ ୨୦୨୪ ସୁଦ୍ଧା ୬୪.୭୧ ଲକ୍ଷ ପରିବାରକୁ ନଳ ଯୋଗେ ପାନୀୟ ଜଳ ମିଳିଥିବା ଦାବି କରାଗଲା। ଓଡ଼ିଶାରୁ ପ୍ରାୟ ୩୧ ପ୍ରତିଶତ ପରିବାର ଏହି ଯୋଜନାରୁ ବାଦ୍ ପଡିଥିଲେ। ଭାରତ ପାଇଁ ଏହି ପରିମାଣ ହେଉଛି ୨୪ ପ୍ରତିଶତ। ୨୦୧୯-୨୪ରେ ନିଆଯାଇଥିବା ୨୦୭ ମେଗା ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ଜୁନ୍ ୨୦୨୪ ସୁଦ୍ଧା ମାତ୍ର ୨ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା। ଏହି ସଂଖ୍ୟାଗୁଡ଼ିକ କେବଳ ପ୍ରକଳ୍ପର ବିଳମ୍ବ ନୁହେଁ ବରଂ ସେତେବେଳର ପ୍ରକଳ୍ପ ପରିଚାଳନା ଓ ତଦାରଖ ବ୍ୟବସ୍ଥାର ଉତରଦାୟିତ୍ୱ ନିର୍ଣ୍ଣୟର ଆବଶ୍ୟକତାକୁ ସାମନାକୁ ଆଣିଛି।

ସିଏଜିଙ୍କ ଅନୁଧ୍ୟାନରେ ୫ଟି ଜିଲ୍ଲାର ୮,୮୦୦ ଗାଁ ମଧ୍ୟରୁ ୧,୨୩୭ଟିରେ ଗ୍ରାମ୍ୟ କାର୍ଯ୍ୟକ୍ରମ ଯୋଜନା ଏବଂ ୧,୨୩୦ଟିରେ ଗ୍ରାମ୍ୟ ଜଳ ଏବଂ ପରିମଳ କମିଟି ନ ଥିଲା। ଜିଲ୍ଲା ଜଳ ଏବଂ ପରିମଳ ମିଶନର ୨୫୫ଟି ଆବଶ୍ୟକ ବୈଠକ ବଦଳରେ ମାତ୍ର ୩୩ଟି, ଅର୍ଥାତ୍ ପ୍ରାୟ ୧୩ ପ୍ରତିଶତ ବୈଠକ ହୋଇଥିଲା। "ଗାଁର ଜଳ ଯୋଜନା ନାହିଁ, ଗାଁର ଜଳ କମିଟି ନାହିଁ" ଜିଲ୍ଲାସ୍ତରୀୟ ତଦାରଖ ବୈଠକ ମଧ୍ୟ ନିୟମିତ ହୋଇ ନଥିବାବେଳେ ଯୋଜନାକୁ ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ କରାଯାଉଥିଲା ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି। ପାନୀୟଜଳର ଗୁଣବତା ସମ୍ପର୍କିତ ସିଏଜିଙ୍କ ତଥ୍ୟ ମଧ୍ୟ ଚିନ୍ତାଜନକ। ପରୀକ୍ଷାଗାରରେ ୭୭ଟି ଜଳର ଗୁଣାତ୍ମକମାନ ମଧ୍ୟରୁ ୨୬ଟି "ନ୍ୟାଶନାଲ ଆକ୍ରିଡିଏସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରଟୋରୀ"ର ସ୍ୱୀକୃତି, ୧୭ଟି ଚିହ୍ନଟ ଏବଂ ୩୪ଟିର ଉଭୟ ସ୍ୱୀକୃତି ବା ଚିହ୍ନଟ ନ ଥିଲା। ସିଏଜି ମାନବ ସମ୍ବଳ ଅଭାବ, ସ୍ୱଳ୍ପ ତାଲିମ ଓ ଅଚଳ ଯନ୍ତ୍ରପାତିର କଥା ମଧ୍ୟ ଉଲ୍ଲେଖ କରିଛି। ଜଳର ଗୁଣାତ୍ମକମାନ ପରିଚାଳନା ଏବଂ ନିରୀକ୍ଷଣରେ ବ୍ୟୟ ଥିଲା ମାତ୍ର ୦.୩୮ ପ୍ରତିଶତ, ଯାହାକି ୨ ପ୍ରତିଶତ ହେବା କଥା। ଏହି ପ୍ରସଙ୍ଗରେ ଅର୍ଥନୀତି ପାଇଁ ନୋବେଲ ବିଜେତା ପ୍ରଫେସର ମାଇକେଲ କ୍ରେମରଙ୍କ ଗବେଷଣା ବିଶେଷ ପ୍ରାସଙ୍ଗିକ ବହନ କରେ। କ୍ରେମର ଓ ସହ-ଗବେଷକଙ୍କ ଅନୁସାରେ ପାନୀୟଜଳ ବିଶୁଦ୍ଧିକରଣ ଦ୍ୱାରା ପାଂଚବର୍ଷରୁ କମ୍ ଶିଶୁମୃତ୍ୟୁ ହାର ପ୍ରାୟ ଏକ ଚତୁର୍ଥାଂଶ କମିପାରେ। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ପାଂଚ ବର୍ଷରୁ କମ୍ ବୟସ ଶିଶୁ ମୃତ୍ୟୁହାର ହଜାରରେ ୩୭ ଏବଂ ଏହା ଭାରତର ଚତୁର୍ଥ ସର୍ବାଧିକ। ଜଳ ଜୀବନ ମିଶନ ଯଦି ଶୁଦ୍ଧ ଜଳଯୋଗାଣର ଲକ୍ଷ୍ୟ ସଫଳତାର ସହ ହାସଲ କରେ, ବର୍ଷକୁ ପ୍ରାୟ ୧.୩୬ ଲକ୍ଷ ପାଂଚବର୍ଷ ବୟସରୁ କମ୍ ଶିଶୁଙ୍କ ମୃତ୍ୟୁ ଏଡ଼ାଇ ଦିଆଯାଇପାରିବ ବୋଲି ସେମାନେ ଆକଳନ କରିଥିଲେ। "ସିଏଜି"ର ତଥ୍ୟ ପୂର୍ବ ସରକାରଙ୍କ ୨୦୧୯-୨୪ କାର୍ଯ୍ୟାନ୍ୱୟନ ସମୟ ସମ୍ପର୍କରେ ଯେଉଁ ପ୍ରଶ୍ନ ଉଠାଇଛି, ସେଗୁଡ଼ିକର ତଥ୍ୟଭିତିକ ଉତର ଜନସାଧାରଣଙ୍କ ସାମ୍ନାକୁ ଆସିବା ଦରକାର ବୋଲି ଶ୍ରୀ ପଣ୍ଡା କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ଅନ୍ୟତମ ମୁଖପାତ୍ର ଶ୍ରୀ ତେଜେଶ୍ୱର ପରିଡା ଉପସ୍ଥିତ ଥିଲେ।

## ପ୍ରସ୍ତୁତ କରନ୍ତୁ ଚଟପଟା 'ସୁଜି ଆପେ'




ସନ୍ଧ୍ୟା ସମୟରେ କିଛି ଚଟପଟା ଟିଫିନ କରିବାକୁ ଇଛା ହେଉଛି କି ତେବେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଆପେ । ଏହା ସ୍ୱାଦିଷ୍ଟ ଡିସ୍ ଛୋଟ ପିଲାଠୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେବେ ଆସନ୍ତୁ କିପରି ପ୍ରସ୍ତୁତ କରିବେ ସୁଜି ଆପେ ଆଜି ଆମେ ଆପଣଙ୍କୁ ସେ ବିଷୟରେ ଟିପ୍ସ ଦେବୁ ।

**ଆବଶ୍ୟକୀୟ ସାମଗ୍ରୀ:** ସୁଜି, ଦହି, ସୋରିଷ:- ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର, କଟା ଟମାଟୋ, ସ୍ୱାଦ ଅନୁସାରେ ଲୁଣ, ଖାଇବା ସୋଡା ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ସୋରିଷ-ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର ଓ କଟା ଟମାଟୋ ପକାଇ ଭାଜି ରଖନ୍ତୁ । ଏବେ ଆଉ ଏକ ପାତ୍ରରେ ଦହି ଓ ପାଣି ମିଶାଇ ସେଥିରେ ସୁଜି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଦହି ଓ ସୁଜି ମିଶ୍ରଣରେ ଭଜା ମସଲା, ଲୁଣ ଓ ଖାଇବା ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏବେ ଏକ ଛାଞ୍ଚରେ ତେଲ ମାରି ମସଲାଗୋଳା ସୁଜିକଚ ରଖି ଘୋଡଣୀ ଘୋଡାଇ ଦିଅନ୍ତୁ । ୫ ମିନିଟ୍ ପରେ ଘୋଡଣୀ ବାହାର କରି ତାକୁ ଲେଉଟାଇ ଦେଇ ପୁଣି ଘୋଡଣୀ ଘୋଡାଇ ଦିଅନ୍ତୁ । ଦୁଇ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ସୁଜି ଆପେ' ।

### ..... ଖବର .......

# ଭଗବାନ ନୃସିଂହଙ୍କ ଆରାଧନାରେ ପୂର୍ଣ୍ଣ ହୁଏ ମନସ୍କାମନା



ନୃସିଂହ ଭଗବାନ ହେଉଛନ୍ତି ବିଷ୍ଣୁଙ୍କ କ୍ରୋଧାବତାର। ଭଗବାନ ବିଷ୍ଣୁ ହିରଣ୍ୟକଶିପୁକୁ ବଧ କରିବା ପାଇଁ କ୍ରୋଧର ସହିତ ଅବତାର ଗ୍ରହଣ କରିଥିଲେ। କ୍ରୋଧରେ ଭଗବାନ ନୃସିଂହଙ୍କ ଶରୀର ଜଳୁଥାଏ ତେଣୁ ତାଙ୍କୁ ଶୀତଳ ଜିନିଷ ଅର୍ପଣ କରି କୃପା ଲାଭ କରିପାରିବେ। ନୃସିଂହ ଜୟନ୍ତୀରେ ପୂଜା କରିବା ଦ୍ୱାରା ସମସ୍ତ ପ୍ରକାର ସମସ୍ୟା ଦୂର ହୋଇଥାଏ। ନୃସିଂହ ଜୟନ୍ତୀ ଦିନ ସକାଳୁ ସ୍ନାନ କରି ଭଗବାନ ନୃସିଂହ ମନ୍ଦିରରେ ଯାଇ ତାଙ୍କ ପୂଜା କରିବାର ବିଧାନ ରହିଛି। ଫୁଲ ଏବଂ ଚନ୍ଦନରେ ଭଗବାନଙ୍କ ପୂଜା କରନ୍ତୁ । ପରେ ଶ୍ରଦ୍ଧାଳୁଙ୍କ ଯାହା ମନୋକାମନା ରହିଛି ନିମ୍ନଲିଖିତ ଅନୁସାରେ ପୂଜା କରନ୍ତୁ।

କିଏ କିପରି ପୂଜା କରିବେ ?

୧. ଧନ କିମ୍ବା ଅର୍ଥ ସଞ୍ଚିତ କରିବା ପାଇଁ ନୃସିଂହ ଭଗବାନଙ୍କୁ ନାଗକେଶର ଚଢ଼ାଯାଇଥାଏ। ନାଗକେଶର ଚଢ଼ାଇ ଅଳ୍ପ କିଛି ସାଥୀରେ ଘରକୁ ନେଇ ଯେଉଁଠାରେ ଅର୍ଥ ଏବଂ ଗହଣା ରଖୁଥିବା ସିନ୍ଧୁକ କିମ୍ବା ଆଲମାରିରେ ରଖନ୍ତୁ।

୨. ଯଦି କୁଣ୍ଡଳୀରେ କାଳସର୍ପ ଦୋଷ ରହିଛି ଏବଂ ଆପଣ ଏହାର ପୂଜା କିମ୍ବା କୌଣସି ଜ୍ୟୋତିଷୀୟ ଉପାୟ ପାଇପାରୁନାହାନ୍ତି, ତେବେ ନୃସିଂହ ଜୟନ୍ତୀରେ  କୌଣସି ନୃସିଂହ ମନ୍ଦିର ଯାଇ ଗୋଟିଏ ମୟୂରପର ଚଢ଼ାନ୍ତୁ । ଏଥିରୁ ଆପଣଙ୍କୁ ମୁକ୍ତି ମିଳିବ।

୩. ଯଦି କୌଣସି କେସ୍‌ରେ ଫସିଛନ୍ତି କିମ୍ବା କୋର୍ଟ କଚେରି ଦୌଡ଼ି ଦୌଡ଼ି ଥକିଗଲେଣି, ତେବେ ନୃସିଂହ ଚତୁର୍ଦ୍ଦଶୀରେ ଭଗବାନଙ୍କୁ ଦହି ପ୍ରସାଦ ଅର୍ପଣ କରନ୍ତୁ।

୪. ପ୍ରତିଯୋଗିତାକୁ ନେଇ ବ୍ୟସ୍ତ କିମ୍ବା ଅଜଣା ଶତ୍ରୁର ଡର ସବୁବେଳେ ଲାଗିରହିଛି, ତେବେ ଆପଣ ଭଗବାନ ନୃସିଂହଙ୍କୁ ବରଫମିଶା ପାଣି ଚଢାନ୍ତୁ। ଆପଣଙ୍କୁ ସମସ୍ତ ପ୍ରକାରର ସଫଳତା ମିଳିବାକୁ ଲାଗିବ।

୫. ଯଦି କେହି ଆପଣଙ୍କ ଉପରେ କ୍ରୋଧିତ କିମ୍ବା ଦୂର ହୋଇଯାଉଛି, ତେବେ ସେହି ସମ୍ପର୍କକୁ ପୁଣି ଫେରି ପାଇବା ପାଇଁ ମକାର ଅଟା ମନ୍ଦିରରେ ଦାନ କରନ୍ତୁ।

୬. ଯଦି ଆପଣ ଋଣରେ ବୁଡିଛନ୍ତି ଏବଂ ଆପଣଙ୍କ ଅର୍ଥ ମାର୍କେଟ୍‌ରେ ଫସିଯାଇଛି, ଉଧାରି ଅସୁଲ ହୋଇପାରୁନାହିଁ ତାହା ହେଲେ ନୃସିଂହ ଭଗବାନଙ୍କୁ ଚାନ୍ଦି କିମ୍ବା ମୋତି ଚଢ଼ାନ୍ତୁ।

୭. ଯଦି ଶରୀରରେ ଦୀର୍ଘ ଦିନ ଧରି ରୋଗ ଲାଗିରହିଛି, ଏଥିରୁ ମୁକ୍ତି ମିଳୁନାହିଁ, ତେବେ ଭଗବାନ ନୃସିଂହଙ୍କୁ ଚନ୍ଦନ ଲେପ ଚଢ଼ାନ୍ତୁ।

## ଶିବ ପୁରାଣ

ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଲୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ଧେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର




ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି ।

.o

# ଦେବାଦେବୀଙ୍କ ବାହନ

ଦେବୀ-ଦେବତାଙ୍କ ସହ ଜଡ଼ିତ କାହାଣୀ ଓ ଚିତ୍ରରେ ତାଙ୍କ ସହ କୌଣସି ପକ୍ଷୀ କିମ୍ବା ପଶୁଙ୍କୁ ତାଙ୍କର ବାହନ ଭାବେ ଦେଖିଥିବେ । ଦେବାଦେବୀଙ୍କ ଏହି ବାହନ ମାନେ ସର୍ବଦା ତାଙ୍କ ନିକଟରେ ଥାଆନ୍ତି । ତେବେ ଆସନ୍ତୁ ଜାଣିବା କେଉଁ ଦେବାଦେବୀଙ୍କର କେଉଁ ବାହାନ ଅଛନ୍ତି । ଏହି ବାହନମାନେ ଦେଖିବାକୁ ବହୁତ୍ ସାମାନ୍ୟ ଅଟନ୍ତି କିନ୍ତୁ ଦେବାଦେବୀମାନେ କାହିଁକୁ ସେମାନଙ୍କୁ ନିଜର ବାହନ ଭାବେ ବ୍ୟବହାର କରୁଛନ୍ତି । ଆସନ୍ତୁ ଜାଣିବା ଏ ସଂପର୍କିତ କିଛି ପୌରାଣିକ କଥା । ବୃଷଭ ନନ୍ଦୀ ଭଗବାନ ଶିବଙ୍କ ବାହନ। ବୃଷଭ



ଅତ୍ୟନ୍ତ ଶକ୍ତିଶାଳୀ ହେଲେ ମଧ୍ୟ ଶାନ୍ତ ରହିଥାନ୍ତି । ହିନ୍ଦୁ ଧର୍ମର ଚାରିସ୍ତମ୍ଭ କ୍ଷମା, ଦୟା, ଦାନ ଏବଂ ତପ ବୃଷଭ ନନ୍ଦୀଙ୍କର ଚାରିଗୋଡ଼ରେ ରହିଛି । ପୁରାଣ କଥା ଅନୁସାରେ ଭଗବାନ କାର୍ତ୍ତିକେୟଙ୍କ ତପସ୍ୟା ଓ ସାଧନ କ୍ଷମତାରେ ପ୍ରସନ୍ନ ହୋଇ ସ୍ୱୟଂ ଭଗବାନ ବିଷ୍ଣୁ କାର୍ତ୍ତିକେୟଙ୍କୁ ମୟୁର ବାହନ ଭେଟି ଦେଇଥିଲେ ଏବଂ କାର୍ତ୍ତିକେୟ ମୟୁର ବାହାନକୁ ଗ୍ରହଣ କଲେ କାରଣ ମୟୁର ପରି କାର୍ତ୍ତିକେୟଙ୍କ ମନ ଅତ୍ୟନ୍ତ ଚଞ୍ଚଳ । ଦୁର୍ଗାଙ୍କୁ ଶକ୍ତି କୁହାଯାଏ ଏବଂ ସିଂହ ହେଉଛି ଶକ୍ତିଶାଳୀ ଓ ପରାକ୍ରମୀ ଓ କ୍ରୋଧର ପ୍ରତୀକ । ସେଥିପାଇଁ ମା' ଦୁର୍ଗା ସିଂହକୁ ନିଜର ବାହନ ଭାବେ ଗ୍ରହଣ କଲେ। ବିଦ୍ୟାଦାତ୍ରୀ ସରସ୍ୱତୀଙ୍କୁ ପବିତ୍ରତାର ପ୍ରତୀକ ଭାବେ ସ୍ୱୀକାର କରାଯାଏ । ହଂସକୁ ବାହନ ରୂପେ ଗ୍ରହଣ କରି ମା' ସରସ୍ୱତୀ ଦର୍ଶାଇଛନ୍ତି ଯେ, ଜ୍ଞାନ ଜରିଆରେ ଜିଜ୍ଞାସାକୁ ଶାନ୍ତ କରାଯାଇ ପାରେ । ଭଗବତ୍ ଗୀତାରେ ଏହାର ଉଲ୍ଲେଖ ରହିଛି ଯେ,ଭଗବାନ ବିଷ୍ଣୁଙ୍କ ଭିତରେ ସମସ୍ତ ସୃଷ୍ଟି ନିବାସ କରିଛି । ସେହିପରି ଗରୁଡ଼ ଦେବ ମଧ୍ୟ ଦିବ୍ୟ ଶକ୍ତିର ଅଧିକାରୀ ଅଟନ୍ତି । ଲକ୍ଷ୍ମୀଙ୍କ ବାହାନ ଅଟେ ପେଚା ।

# କର୍ମଫଳ ଭୋଗିଲେ ମହାମୁନିଶ ମାଣ୍ଡବ୍ୟ

ଏଇ ଭାରତ ଖଣ୍ଡରେ କୁଶାମ୍ବି ନାମକ ଏକ ଦେଶ ଥିଲା । ସେହି ଦେଶର ରାଜାଙ୍କ ନାମ ତବଲା ରୁଦ୍ରଦେବ। ସେହି ରାଜା ନ୍ୟାୟବାନ୍, ଧର୍ମଶୀଳ ଓ ପ୍ରଜାପାଳକ ଥିଲେ। ଥରେ ରାଜନଗର ମଧ୍ୟରେ ଦଶଜଣ ଚୋର ପଶି ବହୁ ମୂଲ୍ୟବାନ ଧନ ରତ୍ନ ଚୋରି କରି ନେଇଗଲେ। ରାଜାଙ୍କ ନଗର ରକ୍ଷକ ସିପାହୀମାନେ ଜାଣିପାରି ସେହି ଚୋରମାନଙ୍କ ପିଛା କଲେ। ସେହି ସିପାହୀମାନେ ଗୋଡ଼ାଉଛନ୍ତି ଜାଣିପାରି ଚୋରମାନେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ। ସେହି କୁଶାମ୍ବି ନଗରୀର ଅନତି ଦୂରରେ ମାଣ୍ଡବ୍ୟ ନାମକ ଜଣେ ମହାମୁନି ଆଶ୍ରୟ କରି ରହିଥିଲେ। ଋଷି ମାଣ୍ଡବ୍ୟ ଅତି ତେଜସ୍ୱୀ, ଜିତେନ୍ଦ୍ରୀୟ ଓ ଧର୍ମ ପରାୟଣ ଅଟନ୍ତି। ସେ ସର୍ବଦା ଧର୍ମ କାର୍ଯ୍ୟରେ ମନୋନିବେଶ କରି ରହୁଥିଲେ। ତାଙ୍କ ଆଶ୍ରମ ମଧ୍ୟରେ ନନ୍ଦନକାନନ ଶ୍ୟାମସୁନ୍ଦରଙ୍କର ମୂର୍ତ୍ତି ଅତି ଯତ୍ନର ସହିତ ପୂଜିତ



ହେଉଥିଲେ। ଆଶ୍ରମ ସମ୍ମୁଖ ଭାଗରେ ଏକ ବିରାଟ ବୃକ୍ଷ ଥିଲା। ତାର ଛାୟା ଅତି ସୁଶୀତଳ ଥିବା ଓ ନିକାଞ୍ଚନ ହୋଇଥିବା ଯୋଗୁଁ ଋଷି ମାଣ୍ଡବ୍ୟ ସେହି ସ୍ଥାନକୁ ନିଜର ତପସାଧନାର ସ୍ଥଳୀ ରୂପେ ବାଛି ନେଇଥିଲେ। ସେ ମହାମୁନି ଅଧିକାଂଶ ସମୟ ମୌନବ୍ରତ ଅବଲମ୍ବନ କରି ଉର୍ଦ୍ଧ୍ୱକୁ ବାହୁ ରଖି ସମାଧିସ୍ଥ ହେଉଥିଲେ। ସେ ସମାଧିସ୍ଥ ହେବା ସମୟରେ ବାହ୍ୟ ଜଗତ ସମ୍ବନ୍ଧରେ କିଛି ଜାଣି ପାରୁ ନଥିଲେ। ତାଙ୍କର ପାର୍ଥିବ ଶରୀର ବାହ୍ୟ ଜଗତରେ ଥିଲେ ମଧ୍ୟ ମନ ଓ ହୃଦୟ ବ୍ରହ୍ମରେ ରହୁଥିଲା। ସେହି ମାଣ୍ଡବ୍ୟ ମହାମୁନି ଏହିପରି ସମାଧିସ୍ଥ ଥିବା ସମୟରେ ସେହି ଚୋରମାନେ ପ୍ରାଣ ବିକଳରେ ଆସି ଆଶ୍ରମ ପାଖରେ ଉପସ୍ଥିତ ହେଲେ। ସିପାହୀମାନେ ନିକଟସ୍ଥ ଜାଣିପାରି ଆଶ୍ରମ ମଧ୍ୟରେ ଧନ-ରତ୍ନ ରଖି ଆଶ୍ରମ ଚଉପାଶରେ ଋଷି ମାଣ୍ଡବ୍ୟଙ୍କ ପରି ଚକ୍ଷୁ ବନ୍ଦ କରି ଉର୍ଦ୍ଧ୍ୱ ବାହୁ ହୋଇ ବସି ରହିଲେ। ରାଜାଙ୍କ ସିପାହୀମାନେ ଆସି ଋଷି ମାଣ୍ଡବ୍ୟଙ୍କ ତପସ୍ୟା ସ୍ଥାନରେ ଉପସ୍ଥିତ ହେଲେ। ସିପାହୀମାନେ ସହଜରେ ମହାମୂର୍ଖ। କେବଳ ସେମାନେ ନଗର ଜଗିବା କାମରେ ଅଭ୍ୟସ୍ତ। ବିଦ୍ୟାବୁଦ୍ଧିରେ ସେମାନଙ୍କର କିଛି ନଥାଏ ।ଋଷିଙ୍କୁ ସେମାନେ ସମାଧିସ୍ଥ ବୋଲି ଜାଣିପାରିଲେ ନାହିଁ। ମନ ମଧ୍ୟରେ ଚିନ୍ତାକଲେ, ଏହି ଯେଉଁ ବୃଦ୍ଧ ଏଠାରେ ଉପରକୁ ବାହୁ ଟେକି ବସିଛନ୍ତି, ସେ ନିଶ୍ଚୟ ଚୋରମାନଙ୍କୁ ଦେଖିଥିବେ। ଏହିପରି ବିଚାର କରି ସେମାନେ ଋଷିଙ୍କୁ କହିଲେ ହେ ବୁଢ଼ା ବାବା, ଉଠ ଏହି ବାଟେ କେତେ ଜଣ ଲୋକ ଯିବା ଦେଖିଛ କି ?ସେମାନେ ଚୋର ଆମ୍ଭେ ତାଙ୍କୁ ଧରିନେବୁ। ତୁମ୍ଭେ କହି ଦେଲେ ରାଜାଙ୍କୁ କହି ତୁମ୍ଭଙ୍କୁ ପୁରସ୍କାର ଦିଆଇବୁ। ଉଠି କୁହା।' ଋଷି ତ ଧ୍ୟାନସ୍ଥ ଥିଲେ, କିଛି ଜାଣିପାରିଲେ ନାହିଁ। ତେଣୁ ସିପାହୀମାନେ ନିଜ ନିଜ ମଧ୍ୟରେ ବିଚାର କରି ଋଷିଙ୍କୁ ଟଣାଓଟରା କଲେ। ସେଥିରେ ଋଷିଙ୍କର ଧ୍ୟାନ ଭଗ୍ନ ନ ହେବାରୁ କହିଲେ, ' ଏ ମୌନୀ ବାବାର ଘରକୁ ତଲାସ କରି ଦେଖ। ଏଠାରେ ଧନରତ୍ନ ମିଳି ଯାଇପାରେ । ତଲାସିରେ ସମସ୍ତ ଧନରତ୍ନ ଦେଖି ଋଷିଙ୍କ ପାଖରେ ସେହି ଚୋରଙ୍କ ସହ ଋଷିଙ୍କୁ ରାଜାଙ୍କ ନିକଟକୁ ନେଲେ ।ରାଜା ବିଚାର କରି ତାଙ୍କୁ ଶୂଳି ଦଣ୍ଡର ଆଦେଶ ଦେଲେ। ଶୂଳିର ତୀକ୍ଷ୍ଣ ଧାର ଉପରେ ବସି ମଧ୍ୟ ମୁନିଙ୍କର ଧ୍ୟାନ ଭଗ୍ନ ହେଲା ନାହିଁ। ସେହିପରି ସ୍ଥିତ ମୌନ ହୋଇ ଦୁଇ ବାହୁ ଉର୍ଦ୍ଧ୍ୱକୁ ଟେକି ଶୂଳି ଉପରେ ରହି ବସିଥାନ୍ତି। ଅନ୍ୟ ଚୋରମାନେ ସଂଗେ ସଂଗେ ଶୂଳି ଖମ୍ବରେ ବସି ପ୍ରାଣ ତ୍ୟାଗକଲେ। ଶୂଳି ଖମ୍ବ ତାଙ୍କର ଏପଟ କିମ୍ବା ସେପଟ ଯାଉନାହିଁ। ସେହିପରି ସ୍ଥିର ଅଛନ୍ତି। ସେ ବ୍ୟକ୍ତିକୁ କିଛି କଷ୍ଟ ହେଲା ପରି ମନେ ହେଉନାହିଁ। ଏହାଶୁଣି ରାଜା, ମନ୍ତ୍ରୀ ଓ ପୁରୋହିତ ଏକ ସାଙ୍ଗରେ ଶୂଳି ଦେଇଥିବା ସ୍ଥାନକୁ ଗମନ କଲେ। ପୁରୋହିତ ଶୂଳି ଖମ୍ବକୁ ଚାହିଁ ବିସ୍ମୟ ହୋଇ କହିଲେ ମହାରାଜ ଋଷ

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ଭାରତର ପର୍ଯ୍ୟଟନ ବିକାଶରେ ନେତୃତ୍ୱ ନେବ ଓଡ଼ିଶା : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୧୦(ମହାଭାରତ): : ଭାରତର ପର୍ଯ୍ୟଟନ ଏବଂ ଆତିଥେୟତା କ୍ଷେତ୍ରର ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଓଡ଼ିଶା ନିଜକୁ ପ୍ରସ୍ତୁତ କରୁଛି । ଏଥିରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା, ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



ଆନୁଷ୍ଠାନିକ ଭାବେ ଓଡ଼ିଶା ଟ୍ରାଭେଲ ବଜାର (ଓଟିବି) ୨୦୨୬ ର ସପ୍ତମ ସଂସ୍କରଣ ବିଷୟରେ ଘୋଷଣା କରିଛନ୍ତି, ଯାହା ଅକ୍ଟୋବର ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ମେଫେୟାର ସାଙ୍କଚୁଆରୀଠାରେ ଅନୁଷ୍ଠିତ ହେବ । ମେଫେୟାର ଲାଗୁନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରାଯାଇଛି ।

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେସନ ଅଫ ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ର ମିଳିତ ସହଯୋଗରେ ଆୟୋଜିତ ଏହି ତିନିଦିନିଆ ବ୍ୟବସାୟିକ ପର୍ଯ୍ୟଟନ ମହାକୁମ୍ଭରେ ୯୨ ରୁ ଅଧିକ ଘରୋଇ ସଂସ୍ଥା, ୨୭ଟି ଦେଶର ବିଦେଶୀ ଟୁର ଅପରେଟର ଏବଂ ଦେଶର ୩୨ଟି ସହରର କ୍ରେତାମାନେ ଏକାଠି ହେବେ । ଏହି କାର୍ଯ୍ୟକ୍ରମରେ ପୂର୍ବ ନିର୍ଦ୍ଧାରିତ ୬,୦୦୦ ରୁ ଅଧିକ ବ୍ୟବସାୟିକ ବୈଠକ ଅନୁଷ୍ଠିତ ହେବାର ଆଶା କରାଯାଉଛି ।

ସାମ୍ବାଦିକ ସମ୍ମିଳନୀରେ ନିଜ ବକ୍ତବ୍ୟ ରଖି ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ଓଡ଼ିଶା ଏକ ମହତ୍ୱାକାଂକ୍ଷୀ ପର୍ଯ୍ୟଟନ ରଣନୀତି ଉପରେ କାର୍ଯ୍ୟ କରୁଛି, ଯାହାର ଲକ୍ଷ୍ୟ ହେଉଛି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ରାଜ୍ୟର ସ୍ଥିତିକୁ ମଜବୁତ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ସିଧାସଳଖ ଆର୍ଥିକ ଲାଭ ସୃଷ୍ଟି କରିବା ।

"ଆମର ମୂଳମନ୍ତ୍ର ହେଉଛି 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା' ଯଦି ବିଶ୍ୱରେ କେହି ଭାରତରେ ପୁଞ୍ଜି ବିନିଯୋଗ କରିବାକୁ ଚାହାଁନ୍ତି କିମ୍ବା ଭାରତ ଭ୍ରମଣ କରିବାକୁ ଇଚ୍ଛା କରନ୍ତି, ତେବେ ସେମାନେ ପ୍ରଥମେ ଓଡ଼ିଶା କଥା ଚିନ୍ତା କରିବା ଉଚିତ । ଦୁଃସାହସିକ ପର୍ଯ୍ୟଟନ, ହୋମଷ୍ଟେ ଏବଂ ଆତିଥେୟତା କ୍ଷେତ୍ରରେ ଆମର ପ୍ରଗତିଶୀଳ ନୀତି ମାଧ୍ୟମରେ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା ଯୁଦ୍ଧକାଳୀନ ଭିତିରେ ଆଗେଇ ଚାଲିଛି," ବୋଲି ସେ କହିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଓଡ଼ିଶା ଟ୍ରାଭେଲ ବଜାର କେବଳ ପର୍ଯ୍ୟଟନସ୍ଥଳୀଗୁଡ଼ିକର ପ୍ରଚାର ପ୍ରସାର ମଧ୍ୟରେ ସୀମିତ ରହିବ ନାହିଁ; ବରଂ ଏହା ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଶିକ୍ଷା, ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ, ଉଦ୍ୟୋଗୀତା ଏବଂ ପୁଞ୍ଜି ନିବେଶର ଏକ ବଡ଼ ମାଧ୍ୟମ ଭାବେ କାର୍ଯ୍ୟ କରିବ ।

"ଓଡ଼ିଶା ଟ୍ରାଭେଲ ବଜାର ଆମ ଯୁବପିଢ଼ିଙ୍କ ପାଇଁ ଏକ ଶିକ୍ଷଣ ଓ ତାଲିମ କେନ୍ଦ୍ର ଭାବରେ କାମ କରିବ। ଏହା କେବଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏକ ମାଧ୍ୟମ ନୁହେଁ, ବରଂ ଓଡ଼ିଆ ଯୁବକଯୁବତୀମାନଙ୍କୁ ସେମାନଙ୍କ ନିଜ ଅଂଚଳରେ ନିଯୁକ୍ତି, ଉଦ୍ୟୋଗ, ପୁଞ୍ଜିନିବେଶ ଏବଂ ସ୍ଥାନୀୟ ଆର୍ଥିକ ବିକାଶର ସୁଯୋଗ ଯୋଗାଇଦେବ," ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ରାଜ୍ୟର ପର୍ଯ୍ୟଟନ ନୀତିର ସର୍ବସମାବେଶୀ ଆଭିମୁଖ୍ୟ ଉପରେ ଆଲୋକପାତ କରି ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ପର୍ଯ୍ୟଟନରୁ ମିଳୁଥିବା ଆର୍ଥିକ ଲାଭ କେବଳ ହୋଟେଲ ଓ ରିସୋର୍ଟ ମଧ୍ୟରେ ସୀମିତ ନରହି ଓଡ଼ିଶାର ସାଧାରଣ ଲୋକ ଏବଂ ଛୋଟ ବ୍ୟବସାୟୀଙ୍କ ପାଖରେ ପଂହଚିବା ଉଚିତ । "ଆମେ ଚାହୁଁନାହୁଁ ଯେ ପର୍ଯ୍ୟଟନର ଲାଭ କେବଳ ହୋଟେଲ ଏବଂ ରିସୋର୍ଟ ମଧ୍ୟରେ ଆବଦ୍ଧ ରହୁ; ଏକ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ଓ ସାମାଜିକ ଭାବେ ସମସ୍ତଙ୍କୁ ଯୋଡ଼ି ରଖୁଥିବା ବ୍ୟବସ୍ଥା ଗଢ଼ିବା ପାଇଁ ଏହି ଲାଭ ସିଧାସଳଖ ଟୁର ଗାଇଡ୍, ଡ୍ରାଇଭର, ସ୍ଥାନୀୟ କାରିଗର, ହୋମଷ୍ଟେ ମାଲିକ, ଛୋଟ ବ୍ୟବସାୟୀ ଏବଂ ସେବା ପ୍ରଦାନକାରୀଙ୍କ ପାଖରେ ପହଂଚିବା ଆବଶ୍ୟକ," ବୋଲି ସେ କହିଛନ୍ତି ।ଓଡ଼ିଶାର ସଂସ୍କୃତି, ପରମ୍ପରା ଏବଂ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ପର୍ଯ୍ୟଟକମାନଙ୍କ ପାଇଁ ଏକ ଚିରସ୍ମରଣୀୟ ଅନୁଭୂତି ସୃଷ୍ଟି କରିବା ଉପରେ ସେ ଅଧିକ ଗୁରୁତ୍ୱାରୋପ କରିଛନ୍ତି ।

"ପର୍ଯ୍ୟଟକମାନେ ବୋଧହୁଏ ନିଜ ହୋଟେଲ ରୁମ୍ ନମ୍ବର କିମ୍ବା ଟ୍ୟାକ୍ସି ନମ୍ବର ଭୁଲିଯାଇ ପାରନ୍ତି, କିନ୍ତୁ ସାଙ୍ଗରେ ନେଇ ଫେରୁଥିବା ଅନୁଭୂତିକୁ ସେମାନେ କେବେବି ଭୁଲନ୍ତି ନାହିଁ," ବୋଲି ସେ ମନ୍ତବ୍ୟ ଦେଇଛନ୍ତି ।

ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଜୀବନ୍ତ ଗ୍ରାମୀଣ ପରମ୍ପରାକୁ ଅନ୍ତର୍ଜାତୀୟ ସ୍ତରରେ ପହଂଚାଇବା ତଥା ରାଜ୍ୟର ବ୍ରାଣ୍ଡ ଆମ୍ବାସାଡର (ପ୍ରଚାରକ) ଭାବରେ କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧି ଏବଂ ବିଶ୍ୱସ୍ତରୀୟ ପର୍ଯ୍ୟଟନ ପ୍ରତିନିଧିମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହା ପରେ ଅନୁଷ୍ଠିତ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ଆଲୋଚନାର ଉତର ରଖିଥିଲେ ।

ଓଟିବି ୨୦୨୬ ର ଏକ ଅଂଶ ଭାବରେ, କାର୍ଯ୍ୟକ୍ରମ ପୂର୍ବରୁ ଏବଂ ପରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ନେଇ ଆଠଟି ପରିଚୟ ଭ୍ରମଣ (ଫ୍ୟାମିଲିଆରାଇଜେସନ ଟୁର) ଆୟୋଜନ କରାଯିବ । ଏହାଦ୍ୱାରା ଟୁର ଅପରେଟର, କ୍ରେତା, ଗଣମାଧ୍ୟମ ପ୍ରତିନିଧି ଏବଂ ପ୍ରଭାବଶାଳୀ ବ୍ୟକ୍ତିବିଶେଷ (ଇନଫ୍ଲୁଏନ୍ସର) ଓଡ଼ିଶାର ବିବିଧ ପର୍ଯ୍ୟଟନ ସମ୍ପଦକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିପାରିବେ । ଏହି କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ଖାଦ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ବିଶିଷ୍ଟ ରୋଷେୟା (ସେଫ୍) ରଣବୀର ବ୍ରାରଙ୍କ ଦ୍ୱାରା ଏକ ଅନୁଭୂତି ବଂଟନ ଅଧିବେଶନ । ଏହି ପରିଚୟ ଭ୍ରମଣଗୁଡ଼ିକ ରାଜ୍ୟର ଐତିହ୍ୟ, ଆଧ୍ୟାତ୍ମିକତା, ପ୍ରକୃତି ଓ ବନ୍ୟଜନ୍ତୁ, ଜନଜାତି ପରମ୍ପରା, ଉପକୂଳବର୍ତୀ ଆକର୍ଷଣ ଏବଂ ଅନୁଭୂତି ଆଧାରିତ ପର୍ଯ୍ୟଟନକୁ ପ୍ରଦର୍ଶିତ କରିବ; ଯାହାକି ଅଂଶଗ୍ରହଣକାରୀମାନଙ୍କୁ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ଅନୁଭୂତି ବିଷୟରେ ବୁଝିବାରେ ସାହାଯ୍ୟ କରିବ ।

ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତଥିବା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ, ଶ୍ରୀ ବଲୱନ୍ତ ସିଂ (ଭାରତୀୟ ପ୍ରଶାସନିକ ସେବା), ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର (ଭାରତୀୟ ପ୍ରଶାସନିକ ସେବା), ହୋଟେଲ ଆଣ୍ଡ ରେଷ୍ଟୁରାଂଟ ଆସୋସିଏସନ ଅଫ ଓଡ଼ିଶା (ଏଚଆରଏଓ) ର ମହାସଚିବ ଧୀମାନ ମଜୁମଦାର, ଟ୍ରାଭେଲ ଏଜେଂଟ ଆସୋସିଏସନ ଅଫ ଓଡ଼ିଶା (ଟିଏଏଓ) ର ସମ୍ପାଦକ ଆଲୋକ ମହାରଣା, ଇଣ୍ଡିଆନ ଆସୋସିଏସନ ଅଫ ଟୁର ଅପରେଟର୍ସ (ଆଇଏଟିଓ) ଓଡ଼ିଶା ଶାଖାର ଅଧ୍ୟକ୍ଷ, ଗଗନ ଷଡ଼ଙ୍ଗୀ, ଏଂଟରପ୍ରାଇଜିଂ ନଟ୍ ଅଫ ଟ୍ରାଭେଲ ଆଣ୍ଡ ଟୁରିଜିମ ଆସୋସିଏଟ୍ସ (ଇକେଟିଟିଏ) ର ସଭାପତି ଦେବାଶିଷ ମିଶ୍ର ଏବଂ ଓଟିଓଏ ର ସମ୍ପାଦକ । ଯୁଗବ୍ରତ କର ପ୍ରମୁଖ ସାମିଲ ଥିଲେ ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ)ଙ୍କ ଅବସର ଗ୍ରହଣ

ଭୁବନେଶ୍ୱର,୧।୧୦(ମହାଭାରତ): ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ ସେପ୍ଟେମ୍ବର ୩୦ ତାରିଖରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତିକ୍ଷ ଏହି ଅବସରରେ ଗତକାଲି ବିଭାଗର ବିଭିନ୍ନ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀବୃନ୍ଦ ଶ୍ରୀଯୁକ୍ତ ସିଂ ଙ୍କୁ ସାକ୍ଷାତ କରି ତାଙ୍କର ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ସେହିପରି ଓଡ଼ିଶା ସୂଚନା ସେବା ସଂଘର କର୍ମକର୍ତ୍ତା ତଥା ଅଧିକାରୀମାନେ ମଧ୍ୟ ଅବସର ଗ୍ରହଣ କରିଥିବା ନିର୍ଦ୍ଦେଶକ (ବୈଷୟିକ ) ଶ୍ରୀସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଅବସରକାଳୀନ ଜୀବନର ଶୁଭେଚ୍ଛା ଜଣାଇଥିଲେ ।



ଶ୍ରୀଯୁକ୍ତ ସିଂ, ଚାକିରୀ ଜୀବନ ଆରମ୍ଭ ଠାରୁ ଅବସର ଗ୍ରହଣ ପର୍ଯ୍ୟନ୍ତ ତାଙ୍କର ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରିକାର୍ଯ୍ୟରତ ସୂଚନା ସେବା ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ରାଜ୍ୟ ସଦର ମହକୁମା, ବିଭିନ୍ନ ଜିଲ୍ଲା ଏବଂ ବିଭାଗରେ କାର୍ଯ୍ୟରତ ଲୋକସଂପର୍କ ଅଧିକାରୀମାନଙ୍କୁ ଏକାଗ୍ରତା, ଦୃଢ ମନା ଏବଂ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ ପାଇଁ ସେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ କ୍ଷ ଅଧିକାରୀମାନଙ୍କୁ ଭଲ କାମ କରି ନିଜ ନିଜର ସ୍ୱତନ୍ତ୍ର ପରିଚୟ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେକ୍ଷତାଙ୍କର କାର୍ଯ୍ୟକାଳ ସମୟରେ ସେ ବିଭିନ୍ନ ଉଲ୍ଲେଖନୀୟ ଓ ଆହ୍ୱାନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ କ୍ଷଶ୍ରୀଯୁକ୍ତ ସିଂ ଓଡ଼ିଶା ସୂଚନା ସେବାର ଜଣେ ଦକ୍ଷ, ଅଭିଜ୍ଞ ଓ ପାରଦର୍ଶୀ ଅଧିକାରୀ ଭାବେ ବିଭିନ୍ନ ମହଲରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ।

ପ୍ରକାଶ ଥାଉକି, ଶ୍ରୀ ସିଂ ୧୯୯୪ ମସିହାରୁ ସୂଚନା ଓ ଲୋକ ସଂପର୍କ ବିଭାଗରେ ନିଯୁକ୍ତି ପରେ , ପ୍ରଥମେ ଜୟପୁର (କୋରାପୁଟ ) ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପରେ ପରେ ଅନ୍ୟ ବିଭିନ୍ନ ଉପଖଣ୍ଡରେ ଲୋକ ସଂପର୍କ ଅଧିକାରୀ ସହ ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ପୁରୀ ଆଦି ଜିଲ୍ଲାରେ ଲୋକ ସମ୍ପର୍କ ଅଧିକାରୀ, ଦକ୍ଷିଣାଂଚଳ ଡିଭିଜନଉପନିର୍ଦ୍ଦେଶକ(ଲୋକ ସଂପର୍କ) ଭାବେ କାର୍ଯ୍ୟ କରିବା ସହିତ ପଦନ୍ନୋତି ପରେ ଶେଷରେ ନିର୍ଦ୍ଦେଶକ ( ବୈଷୟିକ ) ଭାବେ ବିଭାଗୀୟ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଥିଲେ ।

## ଇଣ୍ଡି ମେଂଟର ବିଶାଳ ବିକ୍ଷୋଭ

ଭୁବନେଶ୍ୱର, ୨।୧୦(ମହାଭାରତ): ଭୁବନେଶ୍ୱର ଲୋୟର ପିଏମଜିରେ ଇଣ୍ଡି ମେଂଟ ଗର୍ଜନ । କଂଗ୍ରେସ ନେତୃତ୍ୱରେ ଇଣ୍ଡି ମେଂଟ ପରିବର୍ତ୍ତନ ରାଲି କରି ସରକାରଙ୍କୁ ଘେରିଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏମଏମଡିଆର ବିଲ୍ ପ୍ରତ୍ୟାହାର ଦାବି, ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଓ ଏସଆଇଆର ପ୍ରକ୍ରିୟାକୁ ବିରୋଧ କରିଛି ମେଂଟ ।

ରାଜ୍ୟ ସରକାରଙ୍କ ବିରୋଧରେ ବିଶାଳ ବିକ୍ଷୋଭ ଓ ପ୍ରତିବାଦ ସଭାରେ କଂଗ୍ରେସ ସମେତ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ଲିବରେସନ୍, ଫରୱାର୍ଡ ବ୍ଲକ୍, ଏନ୍ସିପି, ସମାଜବାଦୀ ପାର୍ଟି ଓ ଆଁଜେଡିର ନେତା ଓ କର୍ମୀ ଏଥିରେ ସାମିଲ ହୋଇଛନ୍ତି ।

# ଓଡ଼ିଶାର ବାଉଁଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା

ଭୁବନେଶ୍ୱର,୨।୧୦(ମହାଭାରତ): ଓଡ଼ିଶାର ବାଉଁଶ କ୍ଷେତ୍ର ପାଇଁ ଏକ ଗର୍ବର ମୁହୂର୍ତ୍ତ ଭାବେ ଭାରତୀୟ ବନ ଓ କାଠ ପ୍ରମାଣୀକରଣ ଯୋଜନା ଅଧୀନରେ "ପ୍ରମାଣ" ସାର୍ଟିଫିକେଟ୍ ଆଜି ମାନ୍ୟବର କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଦ୍ୱାରା ପ୍ରଦାନ କରାଯାଇଛି।

ଏହି ସାର୍ଟିଫିକେଟ୍ ପ୍ରଦାନ ସମୟରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଚିବ । ତନ୍ମୟ କୁମାର, ବନ ମହାନିର୍ଦ୍ଦେଶକ ସୁଶିଲ କୁମାର ଅବସ୍ଥି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲାର ଗୋବର୍ଦ୍ଧନଶୂଳସ୍ଥିତ ଲକ୍ଷ୍ମୀପୋଷିର ବାଉଁଶ ଚାଷୀ ଗୋବିନ୍ଦ ମହାପାତ୍ର ଏବଂ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ମିଶନ ନିର୍ଦ୍ଦେଶକ କାର୍ତ୍ତିକ ଭି ଏହି ସାର୍ଟିଫିକେଟ୍ ଗ୍ରହଣ କରିଥିଲେ। ଏହି ପ୍ରମାଣୀକରଣ ଟ୍ରିଜ୍ ଆଉଟସାଇଡ୍ ଫରେଷ୍ଟ୍ସ ମ୍ୟାନେଜମେଂଟ ଏବଂ ଚେନ୍ ଅଫ୍ କଷ୍ଟଡି କ୍ଷେତ୍ରରେ ପ୍ରଦାନ କରାଯାଇଛି। ଗୋବର୍ଦ୍ଧନଶୂଳ ଏବଂ ରାଣୀଭୋଳର ୪ଟି ପ୍ଲଟ୍ରେ ମୋଟ ୧୪.୦୩ ହେକ୍ଟର ଅଂଚଳକୁ ଏଥିରେ ସାମିଲ କରାଯାଇଛି। ପ୍ରମାଣୀକୃତ ବାଉଁଶ ପ୍ରଜାତିଗୁଡ଼ିକ ମଧ୍ୟରେ ବାମ୍ବୁସା ଭଲ୍ଗାରିସ୍, ବାମ୍ବୁସା ନ୍ୟୁଟାନ୍ସ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ ରହିଛି, ଯାହା ନିର୍ମାଣ କାର୍ଯ୍ୟ ଓ ଆସବାବପତ୍ର ପ୍ରସ୍ତୁତିରେ ବାଣିଜ୍ୟିକ ଭାବେ ବ୍ୟବହୃତ ହୁଏ। ଏହି ପ୍ରମାଣୀକରଣ ପ୍ରକ୍ରିୟା ଏନ୍ଏବିସିବି ଦ୍ୱାରା ସ୍ୱୀକୃତ ପ୍ରମାଣୀକରଣ ସଂସ୍ଥା ଦ୍ୱାରା ଅଡିଟ୍ କରାଯାଇଥିଲା। ଏହି ସଫଳତା ଓଡ଼ିଶାର କୃଷିଭିତ୍ତିକ ବାଉଁଶ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରମାଣୀକରଣ ଦ୍ୱାରା କ୍ରେତାମାନେ ବାଉଁଶ ଆଇନସମ୍ମତ ଓ ସ୍ଥାୟୀ ଉତ୍ସରୁ ଆସିଥିବା ବୋଲି ନିଶ୍ଚିତ ହୋଇପାରିବେ। ଫଳରେ ବାଉଁଶ ଚାଷୀମାନଙ୍କ ପାଇଁ ଦେଶୀୟ ଓ ରପ୍ତାନି ବଜାରରେ ଉନ୍ନତ ସୁଯୋଗ ସୃଷ୍ଟି ହେବା ସହ ବଜାର ବିଶ୍ୱସନୀୟତା ମଧ୍ୟ ବୃଦ୍ଧି ପାଇବ। ଏହିପଦକ୍ଷେପଟିଆଇଆଇଏଫଏମ୍, ଭୋପାଳ ମାଧ୍ୟମରେ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (ଓବିଡିଏ) ଦ୍ୱାରା ଅର୍ଥାୟନ, ସମନ୍ୱୟ ଏବଂ ସହଯୋଗରେ ସମ୍ପନ୍ନ ହୋଇଛି। ଏହା ସ୍ଥାୟୀ ବାଉଁଶ ଚାଷକୁ ପ୍ରୋତ୍ସାହନ, ଚାଷୀମାନଙ୍କ ଜୀବିକାର ଉନ୍ନତି ଏବଂ ବାଉଁଶ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବା ପାଇଁ ଓବିଡିଏର ଅବିରତ ପ୍ରୟାସକୁ ପ୍ରତିଫଳିତ କରୁଛି।

# ୧୦ ଯାଏଁ ସେବା ସେତୁ ଅଭିଯାନ

ଭୁବନେଶ୍ୱର, ୨।୧୦(ମହାଭାରତ): ସରକାରୀ ସେବା ଓ ଜନକଲ୍ୟାଣମୂଳକ ଯୋଜନାର ସୁବିଧାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜ, ସରଳ ଓ ତ୍ୱରିତ ଭାବେ ପହଂଚାଇବା ଲକ୍ଷ୍ୟରେ ଅକ୍ଟୋବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ 'ସେବା ସେତୁ' ଅଭିଯାନ ଆୟୋଜିତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲୁଥିବା 'ସେବା ସଂକଳ୍ପ' ଅଭିଯାନର ଏହା ଏକ ଅଂଶବିଶେଷ । 'ସେବା ସଂକଳ୍ପ' ଅଭିଯାନର ରାଜ୍ୟ ସଂଯୋଜକ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯାନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, 'ସେବା ସେତୁ' ମାଧ୍ୟମରେ ଯୋଗ୍ୟ ନାଗରିକମାନେ ଗୋଟିଏ ସ୍ଥାନରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନା ଓ ସେବା ସମ୍ପର୍କରେ ସୂଚନା ପାଇବା ସହ ପଞ୍ଜୀକରଣ, ଆବେଦନ ଓ ଆବଶ୍ୟକ ସହାୟତା ପାଇପାରିବେ । ଏଥିପାଇଁ ରାଜ୍ୟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସରକାରୀ ସେବାକୁ ଲୋକଙ୍କ ନିକଟକୁ ନେଇ ଯୋଗ୍ୟ ହିତାଧିକାରୀଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସହ ଯୋଡ଼ିବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ।

'ନାଗରିକରୁ ହିତାଧିକାରୀ—ଗୋଟିଏ ସ୍ଥାନରେ ସମସ୍ତ ସେବା' ଲକ୍ଷ୍ୟ ନେଇ ଆୟୋଜିତ 'ସେବା ସେତୁ'ରେ ଯୋଗ୍ୟ ନାଗରିକଙ୍କୁ ଚିହ୍ନଟ କରି ସେମାନଙ୍କୁ ସମ୍ପୃକ୍ତ ସରକାରୀ ଯୋଜନା ଓ ସେବା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯିବ । ଏଥିପାଇଁ ରାଜ୍ୟରେ ବ୍ୟାପକ ପ୍ରସ୍ତୁତି ଓ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ।

ଏହି ଅଭିଯାନ ଅଧୀନରେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀର ବ୍ଲକ୍ ସ୍ତରରେ 'ସେବା ସେତୁ' ଶିବିର ଆୟୋଜନ କରାଯିବ । ଶିବିରରେ ଯୋଗ୍ୟ ହିତାଧିକାରୀମାନଙ୍କ ପାଇଁ ସିଧାସଳଖ ପ୍ରଯୁଜ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସେବାକୁ ସାମିଲ କରାଯିବ ।

ଶିବିରକୁ ଆସୁଥିବା ନାଗରିକଙ୍କ ଯୋଗ୍ୟତା ଆଧାରରେ ସେମାନେ ଯେଉଁ ଯୋଜନାର ସୁବିଧା ପାଇବାକୁ ଯୋଗ୍ୟ, ସେହି ଯୋଜନାର ହିତାଧିକାରୀ ଭାବେ ସେହି ସ୍ଥାନରେ ହିଁ ପଞ୍ଜୀକରଣ କରାଯିବ । ଆବଶ୍ୟକସ୍ଥଳେ ଆବେଦନ ପ୍ରକ୍ରିୟା ଓ ଅନ୍ୟାନ୍ୟ ଔପଚାରିକତା ସମ୍ପାଦନରେ ମଧ୍ୟ ସହାୟତା ଯୋଗାଇ ଦିଆଯିବ । ଫଳରେ ସରକାରୀ ଯୋଜନାର ସୁବିଧା ପାଇବା ପାଇଁ ନାଗରିକଙ୍କୁ ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡିବ ନାହିଁ।

ଏହାସହ ପ୍ରତ୍ୟେକ ବ୍ଲକ୍ ଏବଂ ବିଧାନସଭା ନିର୍ବାଚନମଣ୍ଡଳୀରେ 'ସେବା ସେତୁ କେନ୍ଦ୍ର' ସ୍ଥାପନ କରାଯିବ । ଏହି କେନ୍ଦ୍ରଗୁଡ଼ିକରେ ନାଗରିକମାନେ ବିଭିନ୍ନ କଲ୍ୟାଣକାରୀ ଯୋଜନା, ସରକାରୀ ସେବା ଓ ସୁବିଧା ସମ୍ପର୍କରେ ଗୋଟିଏ ସ୍ଥାନରେ ଆବଶ୍ୟକ ସୂଚନା ପାଇପାରିବେ। ପଞ୍ଜୀକରଣ, ଆବେଦନ ଏବଂ ଆବଶ୍ୟକ ସହାୟତା ପାଇଁ ମଧ୍ୟ ଏଠାରେ ସହଯୋଗ ଯୋଗାଇ ଦିଆଯିବ ।

# ସ୍ୱଚ୍ଛତା ହି ସେବା ୨୦୨୬ ଅଭିଯାନ ଅନ୍ତର୍ଗତ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ଶ୍ରମଦାନ

ଭୁବନେଶ୍ୱର,୨।୧୦(ମହାଭାରତ): ଚାଲିଥିବା ସ୍ୱଚ୍ଛତା ହି ସେବା ୨୦୨୬ ଅଭିଯାନର ଅଂଶସ୍ୱରୂପ ପୂର୍ବ ତଟ ରେଳପଥ ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ରେଳ ବିହାର ପଡ଼ିଆରେ "ଏକ ଦିନ, ଏକ ଘଣ୍ଟା, ଏକ ସାଥ୍" ବିଷୟବସ୍ତୁ ଆଧାରରେ ବ୍ୟାପକ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱଚ୍ଛତା, ଜନସହଭାଗିତା ଏବଂ ସ୍ଥାୟୀ ପରିବେଶ ପ୍ରତି ରେଳପଥର ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ଆହୁରି ସୁଦୃଢ଼ କରିଛି।



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କାର୍ଯ୍ୟକ୍ରମରେ ଯୋଗଦେଇ ଅଧିକାରୀ, କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଏବଂ ସଫେଇ ମିତ୍ରମାନଙ୍କ ସହିତ ସ୍ୱଚ୍ଛତା କାର୍ଯ୍ୟର ନେତୃତ୍ୱ ନେଇଥିଲେ। ସେ ସ୍ୱଚ୍ଛତା ବାର୍ତ୍ତା ପ୍ରଦାନ କରିବା ସହିତ ରେଳ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ସ୍ୱଚ୍ଛତାକୁ ନିୟମିତ ଅଭ୍ୟାସରେ ପରିଣତ କରିବା ଏବଂ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନରେ ସକ୍ରିୟ ଭାବେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ।

ବ୍ୟାପକ ଶ୍ରମଦାନ ସମୟରେ ରେଳ ବିହାର ପଡ଼ିଆରେ ସଫେଇ ଓ ସୌନ୍ଦର୍ଯ୍ୟକରଣ, ଘାସ କାଟିବା ସହିତ ବିଭିନ୍ନ ସ୍ୱଚ୍ଛତା ସମ୍ପର୍କିତ କାର୍ଯ୍ୟ କରାଯାଇଥିଲା। ଏଥିରେ ରେଳ ଅଧିକାରୀ, କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଏବଂ ସଫେଇ ମିତ୍ରମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ସଫେଇ ମିତ୍ରମାନଙ୍କୁ ସେମାନଙ୍କର ନିଷ୍ଠାପର ସେବା ଓ ରେଳ ପରିସରରେ ସ୍ୱଚ୍ଛତା ଏବଂ ପରିମଳ ବଜାୟ ରଖିବାରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ମହାପ୍ରବନ୍ଧକ ସଫେଇ ମିତ୍ରମାନଙ୍କ ଭୂମିକାକୁ ପ୍ରଶଂସା କରି ସେମାନଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣ ପ୍ରତି ରେଳପଥର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।

ସ୍ୱଚ୍ଛତା ହି ସେବା ୨୦୨୬ ଅଭିଯାନ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପୂର୍ବ ତଟ ରେଳପଥର ବିଭିନ୍ନ ଷ୍ଟେସନ, ଟ୍ରେନ, କାର୍ଯ୍ୟାଳୟ, କାରଖାନା, ଡାକ୍ତରଖାନା ଏବଂ ରେଳ କଲୋନୀ ଆଦି ଅଞ୍ଚଳରେ ପାଳନ କରାଯାଉଛି। ଏହି ଅଭିଯାନରେ ଜନସହଭାଗିତା, ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତା, ଆଚରଣଗତ ପରିବର୍ତ୍ତନ ଏବଂ ସଫେଇ ମିତ୍ରମାନଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଉଛି।

# କିଟ୍ ଭାରତର ୪ର୍ଥ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ,୨।୧୦(ମହାଭାରତ): ଟାଇମ୍ସ ହାୟର ଏଜୁକେସନ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ -୨୦୨୭ରେ କିଟ୍ ବିଶ୍ୱବିଦ୍ୟାଳୟ ପୁଣିଥରେ ତା'ର ଉତ୍କର୍ଷତା ପ୍ରତିପାଦନ କରି ଭାରତର ସମସ୍ତ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ୪ର୍ଥ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଥିବା ବେଳେ ପୂର୍ବ ଭାରତର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ଟାଇମ୍ସ ହାୟର ଏଜୁକେସନ- ୨୦୨୭ ର୍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ସମଗ୍ର ବିଶ୍ୱରେ ଉଲ୍ଲେଖନୀୟ ଭାବେ ୫୦୧+ ର୍ୟାଙ୍କରେ ଅଛି। ଏହି ର୍ୟାଙ୍କିଙ୍ଗରେ କିଟ୍ର ନିରନ୍ତର ଅଭିବୃଦ୍ଧି ସହିତ ଶିକ୍ଷାଦାନର ମାନ, ଗବେଷଣା, ଇଣ୍ଡଷ୍ଟ୍ରି ଏନଗେଜମେଣ୍ଟ ଏବଂ ଅନ୍ତର୍ଜାତୀୟ ଦୃଷ୍ଟିକୋଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପ୍ରତିଫଳିତ ହୋଇଛି। ଏହି ସଫଳତା କିଟ୍ ନେତୃତ୍ୱର ଦୂରଦୃଷ୍ଟି, ଅଧ୍ୟାପକ-ଅଧ୍ୟାପିକାଙ୍କ ନିଷ୍ଠା, ଗବେଷଣା କ୍ଷେତ୍ରରେ ସଫଳତା ଏବଂ ବିଶ୍ୱସ୍ତରରେ ଛାତ୍ରଛାତ୍ରୀଙ୍କ ଆକର୍ଷଣ ପ୍ରତିପାଦନ କରୁଛି। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ରାଜ୍ୟର ଏକ ବିଶ୍ୱବିଦ୍ୟାଳୟ ବିଶ୍ୱର ୫ଶହ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଉ ବୋଲି ପ୍ରତ୍ୟେକ ରାଜ୍ୟ ଆଶା ପୋଷଣ କରିଥାନ୍ତି। ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ କିଟ୍ ଅଳ୍ପ ବର୍ଷର ଏକ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇବା ଆନନ୍ଦର ବିଷୟ। କିଟ୍ର ଏହି ସଫଳତା ବିଶେଷ କରି ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ସୂଚନାଯୋଗ୍ୟ, ଏହି ର୍ୟାଙ୍କିଙ୍ଗରେ ଭାରତର ୧୪୩ଟି ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ୧୧୮ ଦେଶର ମୋଟ ୨୨୯୭ଟି ବିଶ୍ୱବିଦ୍ୟାଳୟ ଏଥିରେ ଅଂଶ ଗ୍ରହଣ କରିଥିଲେ। ଟାଇମ୍ସ ହାୟର ଏଜୁକେସନ୍ ଶିକ୍ଷା ଓ ଗବେଷଣାର ମାନ, ଜ୍ଞାନର ଆଦାନ ପ୍ରଦାନ ଏବଂ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ମାପଦଣ୍ଡ ଆଧାରରେ ଏହି ର୍ୟାଙ୍କିଙ୍ଗ ପ୍ରଦାନ କରିଥାଏ।



## ଅନୁସୂଚିତ ଜାତି ମୋର୍ଚ୍ଚା ସମୀକ୍ଷା ବୈଠକ

ଭୁବନେଶ୍ୱର, ,୨।୧୦(ମହାଭାରତ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍କା ସାଥ୍, ସବ୍କା ବିକାଶ୍, ସବ୍କା ବିଶ୍ୱାସ୍, ସବ୍କା ପ୍ରୟାସ୍' ମନ୍ତ୍ରକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡିକୁ ଗାଁ ଗାଁରେ ପହଂଚାଇବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁସୁଚିତ ଜାତି ମୋର୍ଚ୍ଚାର ଜୋନସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ କାର୍ଯ୍ୟକର୍ତାମାନଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି । ଆତ୍ମବିଶ୍ୱାସ, ପ୍ରତିବଦ୍ଧତା ଓ ଧୈର୍ଯ୍ୟ ବଳରେ ସାମାଜିକ ସମରସତାକୁ ଲୋକଙ୍କ ପାଖରେ ପହଂଚାଇଥିଲେ ସନ୍ଥଗୁରୁ ଶ୍ରୀ ରବି ଦାସ ବୋଲି କହିବା ସହିତ ଅନୂସୂଚିତ ଜାତିର ବିକାଶ ପାଇଁ ବିଜେପି ସରକାର କରିଥିବା ବିଭିନ୍ନ ଯୋଜନାକୁ ତଳସ୍ତରରେ ପହଂଚାଇବାକୁ ଆହ୍ୱାନ କରିଛନ୍ତି ।

ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୋନସ୍ତରୀୟ ସମୀକ୍ଷା ବୈଠକରେ ଗତ ୨୯ ଜୁଲାଇ ୨୦୨୬ (ଗୁରୁପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ହେବାକୁ ଥିବା ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ଦ'ସମରସ ସଂକଳ୍ପ ଅଭିଯାନ' ପାଳନର ସମୀକ୍ଷା କରାଯାଇଥିଲା । ସନ୍ଥ ଗୁରୁ ଶ୍ରୀ ରବି ଦାସଜୀ କେବଳ ଜଣେ ସନ୍ଥ ନ ଥିଲେ । ସେ ଥିଲେ ସାମାଜିକ ପରିବର୍ତନର ବିପ୍ଲବୀ ଚେତନା । ଯେତେବେଳେ ସମାଜ ଅସ୍ପୃଶ୍ୟତା ଓ ଜାତିଭେଦ ଶୃଙ୍ଖଳାରେ ବନ୍ଧା ଥିଲା ସେତେବେଳେ ସନ୍ଥ ରବି ଦାସ ଜନ୍ମ ନେଇଥିଲେ । ନିଜର ଜ୍ଞାନ, ଭକ୍ତି ଓ କର୍ମ ମାଧ୍ୟମରେ ସେ ସମାଜକୁ ନୂତନ ଦିଗ ଦେଖାଇଥିଲେ । ସେ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ ।

# ରାଜ୍ୟ ସରକାର ଭୟଭୀତ ହୋଇ ବିଧାନସଭାକୁ ବନ୍ଦ କରିଦେଲେ: ବିଜେଡି

ଭୁବନେଶ୍ୱର, ,୨।୧୦(ମହାଭାରତ): ସଂଶୋଧିତ ଏମଏମଡିଆର ଆଇନ ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା ଦାବିକୁ ଗ୍ରହଣ ନକରି ଚାରି ଦିନ ଆଗରୁ ବିଧାନସଭାକୁ ବନ୍ଦ କରିବା ରାଜ୍ୟ ସରକାରଙ୍କର ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛି ବିଜୁ ଜନତା ଦଳ । ସଂଶୋଧିତ ଏମଏମଡିଆର ଆଇନର ପ୍ରତ୍ୟାହାର ଦାବିରେ ବିଜେଡି ଦ୍ୱାରା ଲୋୟର ପିଏମଜି ଠାରେ ଆୟୋଜିତ ହୋଇଥିବା ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିବାରୁ, ରାଜ୍ୟ ସରକାର ଭୟଭୀତ ହୋଇ ବିଧାନସଭାର କାର୍ଯ୍ୟକାଳ ଚାରି ଦିନ ପୂର୍ବରୁ ବାତିଲ କରିଦେଇଛନ୍ତି ବୋଲି ବିଜେଡି କହିଛି । ଏହାଛଡା, ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ସମର୍ଥନ ଦେଇଥିବା ଜନସାଧାରଣଙ୍କୁ ବିଜେଡି କୃତଜ୍ଞତା ଜଣାଇଛି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ

ଡ଼ ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ଚିନ୍ମୟ କୁମାର ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, କହିଥିଲେ ଯେ, ଏମଏମଡିଆର ସଂଶୋଧନ ଆଇନ ଓଡିଶାକୁ ବିପୁଳ କ୍ଷତି ପହଞ୍ଚାଇବ ବୋଲି ବିଜୁ ଜନତା ଦଳ ତରଫରୁ ପ୍ରଥମ ଦିନରୁ କୁହାଯାଇ ଆସୁଛି । ଖଣିରୁ ଟିକସ ଆକାରରେ ଆଦାୟ ହେବାକୁ ଥିବା ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ଖଣି ରାଜସ୍ୱ ବାବଦକୁ ବର୍ଷକୁ ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷତି ଓଡିଶା ସହିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ବିଜେଡିର ଏହି ଦାବିରେ ଅନ୍ୟ ବିରୋଧୀ ଦଳ ମାନେ ମଧ୍ୟ ଏକମତ ହୋଇଛନ୍ତି । କିନ୍ତୁ ସରକାରରେ ଥିବା ବିଜେପି ଏହା କ୍ଷତି ନୁହେଁ ବରଂ ଲାଭ ହେବ ବୋଲି କହୁଛି । ଯେହେତୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ରାଜ୍ୟ ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ବିଜେଡି ତରଫରୁ ଏକ ମୋସନ ଦାଖଲ କରାଯାଇଥିଲା । କିନ୍ତୁ ବିଜେପି ତରଫରୁ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଆଗ୍ରହ ପ୍ରକାଶ ପାଇନଥିଲା । ଯେହେତୁ ସଂଶୋଧିତ ଏମଏମଡିଆର ଆଇନ ଯୋଗୁଁ ରାଜ୍ୟର କ୍ଷତି ନୁହେଁ ଲାଭ ହେବ ବୋଲି ବିଜେପି ଦାବି କରୁଛି, ବିଜେପି ତରଫରୁ କେନ୍ଦ୍ର ସରକାରଙ୍କ ସପକ୍ଷରେ ଧନ୍ୟବାଦ ପ୍ରସ୍ତାବ ଆଣୁ, ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ବିଜେଡି କହିଥିଲା । କିନ୍ତୁ ବିଜେଡି ଦ୍ୱାରା ଦିଆଯାଇଥିବା କୌଣସି ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିନଥିଲେ । ସୋମବାର ଦିନ ଲୋୟର ପିଏମଜି ଠାରେ ସଂଶୋଧିତ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବିରେ ଆୟୋଜିତ ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ରାଜ୍ୟବାସୀଙ୍କ ବିପୁଳ ଜନ ସମର୍ଥନ ମିଳିବାରୁ, ଭୟଭୀତ ହୋଇ ରାଜ୍ୟ ସରକାର ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଦେଲେ ।

## ଜନତାଙ୍କ ସ୍ୱାର୍ଥ

ଓଡ଼ିଶା ବିଧାନସଭାର ବର୍ଷାକାଳୀନ ଅଧିବେଶନକୁ ନେଇ ଆଜି ଯେଉଁ ପ୍ରଶ୍ନଟି ସବୁଠାରୁ ବଡ଼ ହୋଇ ରାଜ୍ୟବାସୀଙ୍କ ସମ୍ମୁଖରେ ଠିଆ ହୋଇଛି, ତାହା କେବଳ ରାଜନୈତିକ ଦଳମାନଙ୍କ ବିବାଦର ପ୍ରଶ୍ନ ନୁହେଁ, ଏହା ହେଉଛି ଜନତାଙ୍କ ସମୟ, ଜନତାଙ୍କ ପ୍ରଶ୍ନ ଓ ଜନତାଙ୍କ ଉତ୍ତର ପାଇବାର ଅଧିକାରର ପ୍ରଶ୍ନ। ନଅଟି କାର୍ଯ୍ୟଦିବସ ପାଇଁ ନିର୍ଦ୍ଧାରିତ ହୋଇଥିବା ଅଧିବେଶନ ପଞ୍ଚମ କାର୍ଯ୍ୟଦିବସରେ ହିଁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ହୋଇଯିବା ଘଟଣା ନିଶ୍ଚୟ ଭାବେ ଗଭୀର ଚିନ୍ତାର ବିଷୟ। ଏହି ଘଟଣାକୁ କେବଳ ଶାସକ ଓ ବିରୋଧୀଙ୍କ ମଧ୍ୟରେ ରାଜନୈତିକ ଟଣାଓଟରା ଭାବେ ଦେଖିଲେ ପ୍ରଶ୍ନର ମୂଳ ଅର୍ଥ ହରାଇଯିବ। କାରଣ ବିଧାନସଭା କୌଣସି ଦଳର ବ୍ୟକ୍ତିଗତ ମଞ୍ଚ ନୁହେଁ, ଏହା ରାଜ୍ୟର ଲୋକଙ୍କ ଦ୍ୱାରା ନିର୍ବାଚିତ ସର୍ବୋଚ୍ଚ ବିଧାନୀୟ ମଞ୍ଚ। ଏଠାରେ ପ୍ରତ୍ୟେକ ମିନିଟ୍ ଜନସାଧାରଣଙ୍କ ଅର୍ଥରେ ଚାଲେ, ପ୍ରତ୍ୟେକ ପ୍ରଶ୍ନ ପଛରେ ଜଣେ ନାଗରିକଙ୍କ ଅଭିଯୋଗ ଥାଏ, ପ୍ରତ୍ୟେକ ଉତ୍ତର ପଛରେ ସରକାରୀ ଦାୟିତ୍ୱ ଥାଏ ଏବଂ ପ୍ରତ୍ୟେକ ଆଲୋଚନା ପଛରେ ରାଜ୍ୟର ଭବିଷ୍ୟତ ନୀତି ଗଠନର ସମ୍ଭାବନା ରହିଥାଏ। ଏହି ସତ୍ୟକୁ ମନେ ରଖିଲେ ପାଞ୍ଚ ଦିନରେ ଅଧିବେଶନ ଶେଷ ହୋଇଯିବା ଘଟଣାର ଗୁରୁତ୍ୱ ଆହୁରି ବଢ଼ିଯାଏ। ଏଠାରେ ଆଉ ଏକ ତଥ୍ୟ ଅତ୍ୟନ୍ତ ଜରୁରୀ। ଚଳିତ ସମୟରେ ଓଡ଼ିଶା ବନ୍ୟା ଓ ଅତିବର୍ଷାର ଗୁରୁତର ପ୍ରଭାବ ମଧ୍ୟରେ ଅଛି। ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରୁ ଆରମ୍ଭ କରି ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ପର୍ଯ୍ୟନ୍ତ ବର୍ଷା ଓ ବନ୍ୟାର ପ୍ରଭାବ ଦେଖାଯାଇଛି। ସରକାରୀ ଓ ପ୍ରଶାସନିକ ସୂଚନା ଅନୁସାରେ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ନିମ୍ନାଞ୍ଚଳରୁ ସ୍ଥାନାନ୍ତର କରାଯାଇ ପାଞ୍ଚଶହରୁ ଅଧିକ ଆଶ୍ରୟକେନ୍ଦ୍ରରେ ରଖାଯାଇଛି। ବାଲେଶ୍ୱରରେ ମାତ୍ର ତିନି ଲକ୍ଷ ପଚାଶ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ଖବର ଆସିଛି ଏବଂ ୬୭ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ତଥ୍ୟ ମିଳିଛି। ମହାନଦୀର ଜଳସ୍ତର ବୃଦ୍ଧି, ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ଜଳ ନିଷ୍କାସନ, ଉପର ଅବବାହିକାରେ ଭାରୀ ବର୍ଷା ଏବଂ ଅନେକ ନଦୀର ଜଳସ୍ତର ବୃଦ୍ଧି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚିନ୍ତା ବଢ଼ାଇଛି। ଏପରି ସମୟରେ ବିଧାନସଭାର ଆଲୋଚନା ଆହୁରି ଅଧିକ ଆବଶ୍ୟକ ଥିଲା। ବନ୍ୟା ଆସିଲା ବୋଲି ଗୃହର ଆବଶ୍ୟକତା କମିଯାଏ ନାହିଁ; ବନ୍ୟା ଆସିଥିବାରୁ ଗୃହର ଆବଶ୍ୟକତା ବଢ଼ିଯାଏ। ଯେଉଁ କୃଷକଙ୍କ ଧାନଜମି ପାଣିରେ ବୁଡ଼ିଗଲା, ଯେଉଁ ପରିବାର ଘର ଛାଡ଼ି ଆଶ୍ରୟକେନ୍ଦ୍ରକୁ ଗଲା, ଯେଉଁ ଗ୍ରାମର ରାସ୍ତା ଭାସିଗଲା, ଯେଉଁ ଅଞ୍ଚଳରେ ପାନୀୟଜଳ ଓ ଔଷଧ ପହଞ୍ଚିବାରେ ଅସୁବିଧା ହେଲା, ସେମାନଙ୍କ ପ୍ରଶ୍ନ ବିଧାନସଭାରେ ଉଠିବା ଦରକାର ଥିଲା। ଏହି ଆବଶ୍ୟକତାକୁ କୌଣସି ରାଜନୈତିକ ବିବାଦର ଛାୟା ତଳେ ଚାପି ଦେବା ଉଚିତ ନୁହେଁ। ସରକାରଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ହେବ, ବିରୋଧୀଙ୍କୁ ପ୍ରଶ୍ନକୁ ଯୁକ୍ତିସଙ୍ଗତ ଭାବେ ଉଠାଇବାକୁ ହେବ। ଚଳିତ ଅଧିବେଶନର ପ୍ରଥମ ଦିନରୁ ହିଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଖବର ରହିଛି। ବିଦ୍ୟାଳୟ ପାଠ୍ୟପୁସ୍ତକର ତ୍ରୁଟି ଏବଂ ଖଣି ଓ ଖଣିଜ ବିକାଶ ସମ୍ବନ୍ଧୀୟ ସଂଶୋଧନ ଆଇନକୁ ନେଇ ବିରୋଧୀ ଦଳଗୁଡ଼ିକ ଗୃହରେ ପ୍ରତିବାଦ କରିଛନ୍ତି। ଦିନର ଆରମ୍ଭରେ ମାତ୍ର କିଛି ସମୟ ଗୃହ ଚାଲିବା ପରେ ପୁଣି ମୁଲତବୀ ହୋଇଥିଲା ଏବଂ ପରେ ଶୂନ୍ୟକାଳ ମଧ୍ୟ ବିରୋଧର ମଧ୍ୟରେ ଚାଲିଥିଲା। ଏହି ଘଟଣା ଏକ ମୂଳ ପ୍ରଶ୍ନ ଉଠାଏ—ବିଧାନସଭାରେ ପ୍ରତିବାଦର ଅଧିକାର ରହିଛି, କିନ୍ତୁ ଗୃହକାର୍ଯ୍ୟକୁ ଦୀର୍ଘ ସମୟ ଅଚଳ କରିଦେବା କି ଜନତାଙ୍କ ସ୍ୱାର୍ଥକୁ ସୁରକ୍ଷା କରେ ? ଗଣତନ୍ତ୍ରରେ ବିରୋଧୀଙ୍କ ସ୍ୱର ଅତ୍ୟନ୍ତ ଜରୁରୀ। ସରକାରଙ୍କୁ ପ୍ରଶ୍ନ କରିବା ହେଉଛି ବିରୋଧୀଙ୍କ ସାଂବିଧାନିକ ଓ ରାଜନୈତିକ ଭୂମିକାର ଅଂଶ।ସେହିପରି ସରକାର ମଧ୍ୟ ବିରୋଧୀଙ୍କ ପ୍ରଶ୍ନକୁ କେବଳ ରାଜନୈତିକ ଆକ୍ରମଣ ବୋଲି ଦେଖି ଅଣଦେଖା କରିପାରିବେ ନାହିଁ। ଯଦି କୌଣସି ପାଠ୍ୟପୁସ୍ତକରେ ତ୍ରୁଟି ରହିଛି, ତେବେ ତାହାର ତଥ୍ୟଭିତ୍ତିକ ଉତ୍ତର ଦେବା ଦରକାର। ତ୍ରୁଟି କିପରି ହେଲା, କିଏ ଯାଞ୍ଚ କଲା, କେତେ ପୁସ୍ତକ ବଣ୍ଟନ ହେଲା, ସଂଶୋଧିତ ପୁସ୍ତକ କେତେ ଛାତ୍ରଛାତ୍ରୀଙ୍କ ପାଖକୁ ପହଞ୍ଚିଲା, ଭବିଷ୍ୟତରେ ଏପରି ତ୍ରୁଟି ନହେବା ପାଇଁ କେଉଁ ଯାଞ୍ଚ ବ୍ୟବସ୍ଥା ହେବ—ଏହାର ଉତ୍ତର ସରକାର ଦେଲେ ଆଲୋଚନା ଅର୍ଥପୂର୍ଣ୍ଣ ହେବ। ଆହୁରି ଗୁରୁତ୍ୱପୂର୍ଣ୍ଣ ହେଉଛି, ରାଜ୍ୟର ଖଣି ଓ ଇସ୍ପାତ ମନ୍ତ୍ରୀ ବିଧାନସଭାରେ ରାଜ୍ୟ କେତେ ଲାଭ କିମ୍ବା କ୍ଷତି ପାଇବ ତାହାର ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ ବୋଲି କହିଥିବା ଖବର ଆସିଛି। ଏହି ତଥ୍ୟ ନିଜେ ପ୍ରମାଣ କରେ ଯେ ଏପରି ବିଷୟରେ ଗୃହ ଚାଲିବା ଏବଂ ବିସ୍ତୃତ ଆଲୋଚନା ହେବା କେତେ ଜରୁରୀ। ଯଦି ଗୃହରେ ଆଲୋଚନା ହୋଇଥାନ୍ତା, ତେବେ ରାଜ୍ୟର ଖଣିଜ ରାଜସ୍ୱ, ଖଣିଜ ନୀତି, ରାଜ୍ୟର ଅଧିକାର, ଆଦିବାସୀ ଅଞ୍ଚଳର ସ୍ୱାର୍ଥ, ପରିବେଶୀୟ ପ୍ରଭାବ, ଶିଳ୍ପ ନିବେଶ ଓ ରାଜ୍ୟ ଅର୍ଥନୀତି ଉପରେ ସମ୍ଭାବ୍ୟ ପ୍ରଭାବକୁ ଏକାଧିକ ପକ୍ଷରୁ ବିଚାର କରାଯାଇପାରିଥାନ୍ତା। ଏହା ହେଉଛି ବିଧାନସଭାର ମୂଳ ଉଦ୍ଦେଶ୍ୟ। ଏଠାରେ ଆଉ ଏକ ବଡ଼ ପ୍ରଶ୍ନ ରହିଛି—ବନ୍ୟା। ବନ୍ୟାକୁ ନେଇ ସରକାରଙ୍କ ପକ୍ଷରୁ ପ୍ରଶାସନିକ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପ୍ରଭାବିତ ଅଞ୍ଚଳ ଗସ୍ତ କରିଛନ୍ତି, ଆଶ୍ରୟକେନ୍ଦ୍ରରେ ଖାଦ୍ୟ, ପାନୀୟଜଳ, ଶିଶୁ ଖାଦ୍ୟ ଓ ଔଷଧ ବ୍ୟବସ୍ଥା ଯାଞ୍ଚ କରିଛନ୍ତି ଏବଂ ପ୍ରଭାବିତ ପରିବାରଙ୍କୁ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ ସ୍ତରରେ ଏହି ପଦକ୍ଷେପ ଆବଶ୍ୟକ ହେଲେ ମଧ୍ୟ ବିଧାନସଭାର ଭୂମିକା ଅଲଗା। ବିଧାନସଭା ପଚାରିବ—କେତେ ଲୋକ ପ୍ରଭାବିତ ହେଲେ ? କେତେ ଘର ଭାଙ୍ଗିଲା ? କେତେ ଚାଷଜମି ନଷ୍ଟ ହେଲା ? କେତେ ରାସ୍ତା ଓ ସେତୁ କ୍ଷତିଗ୍ରସ୍ତ ହେଲା ? କେତେ ଅର୍ଥ ରିଲିଫ ପାଇଁ ଖର୍ଚ୍ଚ ହେଲା ? କେତେ ପରିବାର ଏପର୍ଯ୍ୟନ୍ତ ଘରକୁ ଫେରିପାରିନାହାନ୍ତି ? କେତେ କୃଷକ ଫସଲ କ୍ଷତିପୂରଣ ପାଇବେ ? କ୍ଷତିପୂରଣ କେବେ ମିଳିବ ? ଆଗାମୀ ରବି ଚାଷ ପାଇଁ ବିହନ, ସାର ଓ ଜଳସେଚନର ବିକଳ୍ପ ବ୍ୟବସ୍ଥା କ'ଣ ? ବନ୍ୟାପରେ ପାନୀୟଜଳ ଓ ସ୍ୱାସ୍ଥ୍ୟ ସମସ୍ୟା ରୋକିବାକୁ କ'ଣ ଯୋଜନା ରହିଛି ? ଏହି ସବୁ ପ୍ରଶ୍ନର ଉତ୍ତର କେବଳ ସରକାରୀ କାର୍ଯ୍ୟାଳୟର ବିବୃତିରେ ନୁହେଁ, ବିଧାନସଭାର ରେକର୍ଡରେ ଥିବା ଆବଶ୍ୟକ।

# ଦାରିଦ୍ର୍ୟର କାରଣ

**ହିମାଂଶୁ ଶେଖର ଆଚାର୍ଯ୍ୟ**

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ। ତାହାହେଲା ଦେଶ ଦରିଦ୍ର ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଦାରିଦ୍ର୍ୟ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି। ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛାଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନ ସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।ନିକଟରେ ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ରହିଛି।

ଏକ ଅନୁକୂଳ ପରିବେଶ ଜୀବନ ଧାରଣ ପାଇଁ ଅପରିହାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି। ଦାରିଦ୍ର୍ୟ ନୟନ୍ତ୍ରଣ ପାଇଁ କେତକ ଫଳପ୍ରଦ ପଦକ୍ଷପ ନେବା ଜରୁରୀ ମନେ ହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭୟ କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶ ମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି।

ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧ ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ଗୁଣ ବୃଦ୍ଧି ପାଇଛି। ଅର୍ଥ ଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥି ସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ। ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇରହିଛି। ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ। ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ।

ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ। ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ରାତାର ମୁଖ୍ୟ କାରଣ। ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ। ଏଥି ସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ। ଯେ କୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ। ସେହିପରି କୃଷି ଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ। ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବୋକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି।ଉଏତଦ୍‌ବ୍ୟତୀତ ଆଉକେତେକ ପଦକ୍ଷପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା - (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ। ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବା ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ (ଖ) ଦରିଦ୍ର ମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍ (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍ (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ। ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତାହାନହେଲେ ଦାରିଦ୍ର୍ୟ ଆମ ପାଇଁ ଚିର ସହଚର ହୋଇ ରହିଯିବ। ଏବେ ଦେଶରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। କେବଳ ଦୁଇଟି ପଞ୍ଚବାର୍ଷିକ ଯୋଜନାରେ ଓ ଦୁଇଟି ନିର୍ବାଚନରେ ଦାରିଦ୍ର୍ୟ ହଟାଅ ସ୍ଲୋଗାନକୁ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ରାଜନୈତିକ ଦଳମାନେ ଦାରିଦ୍ର୍ୟ ଦୂରୀକରଣକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଲେ ତାହା ଯୁକ୍ତିଯୁକ୍ତ ହୁଅନ୍ତା


ଅବସରପ୍ରାପ୍ତ ଅଧ୍ୟାପକ

ତିର୍ତ୍ତୋଲ,ଜଗତସିଂହପୁର

ମୋ - ୯୯୩୭୧୫୧୦୫୨


# ବର୍ଷା ବଢୁଛି, ବିପଦ ବଢ଼ିବା ପୂର୍ବରୁ ଓଡ଼ିଶା ସତର୍କ ହେଉ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଓଡ଼ିଶା ପୁଣି ଥରେ ପ୍ରକୃତିର ଏକ କଠିନ ପରୀକ୍ଷାର ସମ୍ମୁଖୀନ। ଆକାଶ ଘନ ହେଉଛି, ବର୍ଷାର ପରିମାଣ ବଢୁଛି, ନଦୀନାଳରେ ଜଳସ୍ତର ଉପରକୁ ଉଠିବାର ଆଶଙ୍କା ଦେଖାଦେଉଛି ଏବଂ ନିମ୍ନାଞ୍ଚଳରେ ଜଳବନ୍ଦୀର ଭୟ ଘନୀଭୂତ ହେଉଛି। ଏହି ସମୟରେ ବନ୍ୟାକୁ କେବଳ ପାଣି ଆସିବାର ଘଟଣା ଭାବେ ଦେଖିଲେ ଚାଲିବ ନାହିଁ; ଏହା ଜୀବନ, ଜୀବିକା, ଯାତାୟାତ, କୃଷି, ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ ଏବଂ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଜୀବନକୁ ପ୍ରଭାବିତ କରିପାରେ। ୨୫ ସେପ୍ଟେମ୍ବରର ସରକାରୀ ପାଣିପାଗ ସତର୍କତା ଅନୁଯାୟୀ ଓଡ଼ିଶାରେ ଆଜି ଅତିପ୍ରବଳ ବର୍ଷା ସହ ବଜ୍ରପାତ ଆଦିର ସମ୍ଭାବନା ଏବଂ ୨୬ ସେପ୍ଟେମ୍ବରରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ତେଣୁ ଏହି ମୁହୂର୍ତ୍ତରେ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ଭୟ ନୁହେଁ, ସଚେତନତା; ଆତଙ୍କ ନୁହେଁ, ପ୍ରସ୍ତୁତି। ବର୍ଷା ଆସିବାକୁ ଅପେକ୍ଷା କରି ବିପଦ ବଢ଼ିଯିବା ପରେ ପଦକ୍ଷେପ ନେବା ଠାରୁ ବିପଦ ପୂର୍ବରୁ ପରିବାର, ଗ୍ରାମ ଏବଂ ପ୍ରଶାସନ ସଜାଗ ହେବା ହିଁ ବୁଦ୍ଧିମାନ ପଦକ୍ଷେପ। ଗଭୀର ଅବପାତର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବ୍ୟାପକ ବର୍ଷା ହୋଇଥିବା ବେଳେ ଉତ୍ତର ଓଡ଼ିଶା ଉପକୂଳରେ ମଧ୍ୟ ଭାରୀରୁ ଅତିଭାରୀ ବର୍ଷାର ସମ୍ଭାବନା ସମ୍ପର୍କରେ ପାଣିପାଗ ବିଭାଗ ସତର୍କ କରିଛି। ଏହି ପରିସ୍ଥିତିରେ ନଦୀକୂଳ, ନାଳକୂଳ, ଜଳାଶୟ ନିକଟବର୍ତ୍ତୀ ଅଞ୍ଚଳ, ତଳିଆ ଜମି, ଦୁର୍ବଳ ଘର ଏବଂ ଜଳବନ୍ଦୀପ୍ରବଣ ସହରାଞ୍ଚଳରେ ଥିବା ଲୋକଙ୍କୁ ବିଶେଷ ସତର୍କ ରହିବାକୁ ହେବ। ବନ୍ୟାର ପ୍ରଥମ ଶିକ୍ଷା ହେଉଛି—ପାଣିର ଗଭୀରତା ଚକ୍ଷୁରେ ଦେଖି ଅନୁମାନ କରାଯାଇପାରେ ନାହିଁ। ରାସ୍ତା ଉପରେ ଅଳ୍ପ ପାଣି ଦେଖାଗଲେ ମଧ୍ୟ ତାହାର ତଳେ ଗର୍ତ୍ତ, ଭଙ୍ଗା ରାସ୍ତା, ଖୋଲା ନାଳ କିମ୍ବା ତୀବ୍ର ସ୍ରୋତ ଥାଇପାରେ। ତେଣୁ ପାଣି ଭରା ରାସ୍ତାରେ ଅନାବଶ୍ୟକ ଭାବେ ଚାଲିବା, ଦୁଇଚକିଆ କିମ୍ବା ଚାରିଚକିଆ ଯାନ ନେଇ ପ୍ରବେଶ କରିବା ଜୀବନ ପାଇଁ ବିପଦଜନକ। ବନ୍ୟାପାଣିରେ ଶିଶୁମାନଙ୍କୁ ଖେଳିବାକୁ ଦେବା ମଧ୍ୟ ଘୋର ଅବହେଳା। ବିଦ୍ୟୁତ ତାର, ଖୁଣ୍ଟି, ଟ୍ରାନ୍ସଫର୍ମର କିମ୍ବା ଜଳମଗ୍ନ ବିଦ୍ୟୁତ ଉପକରଣ ଠାରୁ ଦୂରେ ରହିବା ଆବଶ୍ୟକ। ପାଣି ଘର ଭିତରକୁ ପଶିଲେ ବିଦ୍ୟୁତ ସଂଯୋଗ ବନ୍ଦ କରିବା ପାଇଁ ନିରାପଦ ଉପାୟରେ ପଦକ୍ଷେପ ନିଆଯିବା ଉଚିତ, କିନ୍ତୁ ପାଣି ଭିତରେ ଠିଆ ହୋଇ ବିଦ୍ୟୁତ ଯନ୍ତ୍ର ଛୁଇଁବା ଅତ୍ୟନ୍ତ ବିପଦଜନକ। ଘରେ ଶୁଖିଲା ଖାଦ୍ୟ, ପିଇବା ପାଣି, ଆବଶ୍ୟକ ଔଷଧ, ଶିଶୁ ଖାଦ୍ୟ, ଟର୍ଚ୍ଚ, ଅତିରିକ୍ତ ବ୍ୟାଟେରି, ଆବଶ୍ୟକ କାଗଜପତ୍ର ଏବଂ ମୋବାଇଲ ଯୋଗାଯୋଗର ବିକଳ୍ପ ବ୍ୟବସ୍ଥା ରଖିବା ଉଚିତ। ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ଏବଂ ଅସୁସ୍ଥ ବ୍ୟକ୍ତିଙ୍କୁ ପ୍ରଥମେ ନିରାପଦ ସ୍ଥାନକୁ ନେବା ଦରକାର। ଗ୍ରାମାଞ୍ଚଳରେ ଗୋରୁଗାଈ ଓ ଅନ୍ୟ ପଶୁମାନଙ୍କୁ ମଧ୍ୟ ଉଚ୍ଚ ଓ ନିରାପଦ ସ୍ଥାନକୁ ନେବା ପାଇଁ ପୂର୍ବପ୍ରସ୍ତୁତି ଦରକାର। କୃଷକଙ୍କ ପାଇଁ ଏହି ସମୟ ଅଧିକ ସମ୍ବେଦନଶୀଳ। ଅତିରିକ୍ତ ବର୍ଷାରେ ଧାନ, ପନିପରିବା, ମକା ଓ ଫଳଚାଷ ଜମିରେ ପାଣି ଜମି ରହିଲେ ଫସଲ କ୍ଷତି ହୋଇପାରେ। ତେଣୁ ଯେଉଁଠାରେ ସୁରକ୍ଷିତ ଭାବେ ସମ୍ଭବ, ଜମିର ଅତିରିକ୍ତ ପାଣି ନିଷ୍କାସନର ବ୍ୟବସ୍ଥା କରିବା ଆବଶ୍ୟକ। ପାଣି ବଢ଼ିଲେ ଜବରଦସ୍ତି ଘର, ଗୋଶାଳା କିମ୍ବା ଜମିରେ ରହିବା ଠାରୁ ପ୍ରଶାସନର ନିର୍ଦ୍ଦେଶ ମାନି ଆଶ୍ରୟସ୍ଥଳକୁ ଯିବା ହିଁ ସୁରକ୍ଷିତ। ଓଡ଼ିଶାର ଦୁର୍ଯ ?ଗ ପରିଚାଳନାର ଅଭିଜ୍ଞତା ଦେଶରେ ଏକ ପରିଚିତ ଉଦାହରଣ ହୋଇଥିଲେ ମଧ୍ୟ ପ୍ରକୃତିର ପରିବର୍ତ୍ତନଶୀଳ ଚରିତ୍ର ସବୁବେଳେ ନୂଆ ଚ୍ୟାଲେଞ୍ଜ ଆଣୁଛି। ଏହି ପରିସ୍ଥିତିରେ ସରକାରଙ୍କ ସତର୍କତା ସହ ଜନସାଧାରଣଙ୍କ ଦାୟିତ୍ୱବୋଧ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ସେପ୍ଟେମ୍ବର ୨୩ରେ ମୁଖ୍ୟମନ୍ତ୍ରୀ ଭାରୀ ବର୍ଷାର ସମ୍ଭାବନା ନେଇ ଉଚ୍ଚସ୍ତରୀୟ ବୈଠକ କରି ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଭାବିତ ହୋଇପାରୁଥିବା ଜିଲ୍ଲାଗୁଡ଼ିକରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ, ଅଗ୍ନିଶମ ସେବା ଓ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟବାହିନୀକୁ ପ୍ରସ୍ତୁତ ରଖାଯାଇଥିବା, ନିୟନ୍ତ୍ରଣ କକ୍ଷଗୁଡ଼ିକୁ ଚବିଶ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯାଇଥିବା ଏବଂ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ଔଷଧ ଓ ପିଇବା ପାଣିର ବ୍ୟବସ୍ଥା କରାଯାଇଥିବା ସରକାରୀ ସୂଚନାରେ କୁହାଯାଇଛି। ଏହା ସତ୍ତ୍ୱେ ଏକ ସତର୍କ ସମାଜ ହିଁ ଏକ ସୁରକ୍ଷିତ ସମାଜ ଗଢ଼ିପାରେ। ପ୍ରଶାସନର ସତର୍କବାଣୀକୁ ଅବହେଳା କରି ନଦୀ, ନାଳ କିମ୍ବା ଜଳାଶୟ ନିକଟକୁ ଯିବା, ବନ୍ୟାପାଣିରେ ଭିଡିଓ କରିବା, ସାମାଜିକ ମାଧ୍ୟମରେ ଅପ୍ରମାଣିତ ଖବର ପ୍ରଚାର କରିବା ଏବଂ ଅଫବାହକୁ ସତ୍ୟ ଭାବିବା ଠାରୁ ସମସ୍ତଙ୍କୁ ଦୂରେ ରହିବାକୁ ହେବ। ବିଶେଷକରି ବନ୍ଧ ଭାଙ୍ଗିଗଲା, ନଦୀ ଉପରେ ବିପଦ ଆସିଲା, ହଜାର ଲୋକ ଅଟକିଗଲେ ଭଳି ଅପ୍ରମାଣିତ ସନ୍ଦେଶ ଲୋକଙ୍କ ମଧ୍ୟରେ ଭୟ ବଢ଼ାଇପାରେ। କୌଣସି ସୂଚନାକୁ ପ୍ରସାର କରିବା ପୂର୍ବରୁ ତାହା ପ୍ରଶାସନ, ପାଣିପାଗ ବିଭାଗ କିମ୍ବା ଅଧିକୃତ ମାଧ୍ୟମରୁ ଆସିଛି କି ନାହିଁ ଯାଞ୍ଚ କରିବା ଆଜିର ନାଗରିକ ଦାୟିତ୍ୱ। ସହରରେ ମଧ୍ୟ ବନ୍ୟାର ଅର୍ଥ କେବଳ ନଦୀର ପାଣି ନୁହେଁ। ଅତ୍ୟଧିକ ବର୍ଷାରେ ନାଳ ଅବରୋଧ, ଅପର୍ଯ୍ୟାପ୍ତ ଜଳନିଷ୍କାସନ, ଅବୈଧ ଭାବେ ଜଳପଥ ଅବରୋଧ ଏବଂ ଅପରିକଳ୍ପିତ ନିର୍ମାଣ ଯୋଗୁଁ ଅଳ୍ପ ସମୟରେ ମଧ୍ୟ ରାସ୍ତା ଓ ବସତି ଜଳମଗ୍ନ ହୋଇପାରେ। ତେଣୁ ବର୍ଷା ଥାମିଗଲା ବୋଲି ବିପଦ ଶେଷ ହୋଇଗଲା ଭାବିବା ମଧ୍ୟ ଭୁଲ। ନଦୀର ଉପରମୁଣ୍ଡରେ ହୋଇଥିବା ବର୍ଷାର ପ୍ରଭାବ ତଳମୁଣ୍ଡରେ ପରେ ଦେଖାଯାଇପାରେ। ଏହି କାରଣରୁ ନଦୀକୂଳବର୍ତ୍ତୀ ଲୋକମାନେ ଜଳସ୍ତର ସମ୍ପର୍କିତ ଅଧିକୃତ ସୂଚନା ଉପରେ ନଜର ରଖିବା ଆବଶ୍ୟକ। ଆଉ ଏକ ବଡ଼ ବିପଦ ହେଉଛି ବନ୍ୟା ପରବର୍ତ୍ତୀ ରୋଗ। ଦୂଷିତ ପାଣି ଦ୍ୱାରା ଝାଡ଼ା, ବାନ୍ତି, ଜ୍ୱର ଓ ଅନ୍ୟାନ୍ୟ ଜଳବାହିତ ରୋଗ ବଢ଼ିପାରେ। ତେଣୁ ଉବା କିମ୍ବା ସୁରକ୍ଷିତ ପାଣି ପିଇବା, ଖାଦ୍ୟ ଢାଙ୍କି ରଖିବା, ହାତ ସଫା ରଖିବା ଏବଂ ଅସୁସ୍ଥତା ଦେଖାଦେଲେ ଶୀଘ୍ର ଚିକିତ୍ସା ନେବା ଆବଶ୍ୟକ। ବନ୍ୟା କେବଳ ପ୍ରଶାସନର ପରୀକ୍ଷା ନୁହେଁ; ଏହା ସମାଜର ମାନବିକତାର ମଧ୍ୟ ପରୀକ୍ଷା। ନିଜ ଘର ସୁରକ୍ଷିତ ରଖିବା ସହ ପଡ଼ ?ଶୀଙ୍କ ଅବସ୍ଥା ଜାଣିବା, ଏକାକୀ ବୃଦ୍ଧଙ୍କୁ ସାହାଯ୍ୟ କରିବା, ଶିଶୁ ଓ ଦୁର୍ବଳ ପରିବାରକୁ ନିରାପଦ ସ୍ଥାନକୁ ପହଞ୍ଚାଇବା ଏବଂ ଉଦ୍ଧାରକାରୀ ଦଳଙ୍କୁ ସହଯୋଗ କରିବା ଆମ ସାମାଜିକ କର୍ତ୍ତବ୍ୟ। ଓଡ଼ିଶା ଅନେକ ବିପର୍ଯ୍ୟୟ ଦେଖିଛି, ଅନେକ ଥର ଉଠିଛି ଏବଂ ପୁଣି ଗଢ଼ିଛି। ଆଜି ମଧ୍ୟ ଆମକୁ ସେହି ସାହସ ସହ ସତର୍କତାକୁ ଯୋଡ଼ିବାକୁ ହେବ। ପ୍ରକୃତିକୁ ରୋକିବା ମଣିଷର ହାତରେ ନାହିଁ, କିନ୍ତୁ ପ୍ରକୃତିଜନିତ ବିପଦରେ ଜୀବନହାନି କମାଇବା ନିଶ୍ଚିତ ଭାବେ ଆମ ହାତରେ। ଏହି ମୁହୂର୍ତ୍ତର ମନ୍ତ୍ର ଗୋଟିଏ—ସତର୍କ ରୁହନ୍ତୁ, ଅଧିକୃତ ସୂଚନା ଶୁଣନ୍ତୁ, ବନ୍ୟାପାଣିରୁ ଦୂରେ ରୁହନ୍ତୁ, ଆବଶ୍ୟକ ହେଲେ ଶୀଘ୍ର ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ ଏବଂ ପଡ଼ ?ଶୀଙ୍କ ହାତ ଧରନ୍ତୁ। ଆଜି ଗୋଟିଏ ସାବଧାନତା ଆସନ୍ତାକାଲି ଗୋଟିଏ ଜୀବନ ବଞ୍ଚାଇପାରେ। ଓଡ଼ିଶାର ଆକାଶରେ ଯେତେ ଘନ ମେଘ ଥାଉ, ଆମ ସଚେତନତାର ଆଲୋକ ତାହାଠାରୁ ଅଧିକ ଉଜ୍ଜ୍ୱଳ ହେଉ—ଏହା ହିଁ ଏହି ସମୟର ସବୁଠାରୁ ବଡ଼ ଆହ୍ୱାନ।


ମୋବାଇଲ୍: ୯୪୩୭୯୯୪୩୭୯


# ବଡ଼ିର କଥା

**ଅପର୍ଣ୍ଣା ନାୟକ**

ଓଡ଼ିଆ ମାନଙ୍କର ଗୋଟିଏ ବିଶେଷତ୍ୱ ହେଉଛି ସେମାନେ ଖାଦ୍ୟ-ପ୍ରିୟ। କିନ୍ତୁ ତାର ଅର୍ଥ ନୁହେଁ ଯେ ସେମାନେ ଦାମୀ ଖାଦ୍ୟ ଖାଇବାକୁ ଭଲପାଆନ୍ତି। ସହଜ, ସରଳ ଅଥଚ ପାଟିସୁଆଦ ଖାଦ୍ୟ ସେମାନଙ୍କର ପସନ୍ଦ। କୁହାଯାଏ ଯେ, ଗୋଟିଏ ଲୋକଗୋଷ୍ଠୀର ପରିଚୟ, ତାର ଖାଦ୍ୟ, ବେଶପଟା ଓ ଭାଷା ସାହିତ୍ୟରେ ସାମିଲ ହୋଇରହିଥାଏ। ଓଡ଼ିଆ ଖାଦ୍ୟ ସରଳ। ବଡ଼ି, ଆଚାର, ପିଠାପଣା, ଠୁକ୍‌ଠୁକା ଓ ବେସର, ଶାକର, ମହୁର ତଥା ଘାଣ୍ଟ ଭଳି ତରକାରି ଦେଖିଲେ ଜଣାପଡ଼େ, ଆମେ, ଓଡ଼ିଆମାନେ କେବଳ ସରଳ ନୋହୁଁ ଆମେମାନେ ସହଜ, ସାଧାରଣ ଓ କଳାପ୍ରିୟ ମଧ୍ୟ। ଓଡ଼ିଆଙ୍କ ଘରେ ଘରେ ଅତିପ୍ରିୟ ଖାଦ୍ୟ ସାମଗ୍ରିଟି ହେଉଛି ବଡ଼ି। ଓଡ଼ିଆ ବ୍ୟଞ୍ଜନରେ ବଡ଼ିର ପ୍ରଭାବ ସହର ଠାରୁ ଗାଁ ଯାଏ ପ୍ରସାରିତ। ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଏହାର ନାମ ହେଉଛି ନାଡ଼ି, କାରଣ ବଡ଼ିର ସ୍ୱରୂପ ସେଠି ନାଡ଼ ଭଳି ମୋଡ଼ି ମୋଡ଼ିକା। ମତେ କିଏ ତରକାରି ବା ଘାଣ୍ଟରେ ପକାଇ ଖାଏ ତ କିଏ ଶାଗରେ ପାକାଇ ଖାଏ। ଆଉ କିଏ ପଖାଳ ସହ ମଜା ଉଠାଏ। ପଖାଳ ବଢ଼ା ହେବା ପୂର୍ବରୁ କେହି କେହି ଫରମାଇସ କରନ୍ତି 'ପଖାଳ ସହ ମାଛ ଭଜା, ଶାଗଭଜା ଯେତେ ଯାହା ଭର୍ତ୍ତା ହୋଇଥାଉ କି ନାହିଁ କିନ୍ତୁ ଶାଗବଡ଼ି ଚୁରା ହୋଇଛି ନା ନାହିଁ ?' ସତେ ଯେମିତି ଆମ ପାଖଳ ଖିଆ ସହ ବଡ଼ି ଅଙ୍ଗାଙ୍ଗିଭାବରେ ଜଡ଼ିତ।

ବଡ଼ିର ବିଭିନ୍ନ ପ୍ରକାର ମଧ୍ୟ ଅଛି। ସେଗୁଡ଼ିକ ହେଉଛି କଖାରୁ ବଡ଼ି, ଫୁଲ ବଡ଼ି, ମଞ୍ଜି ବଡ଼ି, ଆଖି ବଡ଼ି ଓ ରାଶି ବଡ଼ି ଆଦି। ସେମିତି ଏହାର ଆକାର ବି ଭଳିକି ଭଳି। ଛୋଟ, ବଡ଼, ଚେପଟା ଓ ନାଡ ପରି ଲମ୍ବା। ବଡ଼ି ତିଆରି କରିବା ପାଇଁ ପାଣି କଖାରୁ ଅନ୍ତି ସହ ଦରକାରି ହୁଏ ବଟା ହୋଇଥିବା ବିରି। ବିରିକୁ ନୋଳରେ ନୋଳି ଯେତେ ଫଳ ଫଳିଆ କରାଯିବ ବଡ଼ି ସେତେ ସୁନ୍ଦର ଉତୁରିବ। ସେଇଥି ପାଇଁ ବଡ଼ି ତିଆରି କରିବା ଆଗରୁ ବଟା ବିରିକୁ ବହୁତ ସମୟ ଫେଣେଇବାକୁ ପଡ଼େ। କେହି କେହି ଏଥିରେ ଜୁଆଣୀ କିମ୍ବା ଜିରା ବ୍ୟବହାର କରିଥାନ୍ତି ଯାହାଦ୍ୱାରା ଏହା ଶୀଘ୍ର ଖରାପ ହୋଇନଥାଏ ଏବଂ ହଜମକାରକ ମଧ୍ୟ ହୋଇଥାଏ। କେହି କେହି ଅଦା କିମ୍ବା ଗୋଲମରିଚ ପକାଯାଇଥିବା ବଡ଼ି ତିଆରି କରନ୍ତି କିନ୍ତୁ ଏହା ଅଧିକ ଦିନ ରହିପାରି ନଥାଏ। ଏ କାମଟି ଗାଁ ଗହଳରେ ବୟସ୍କା ମା'ମାଉସୀମାନେ ଭାରି ସୁନ୍ଦର ଭାବେ କରିପାରନ୍ତି। ଟିଣ, କୁଲା, ଡାଏଲା ବା ମସିଣା ଉପରେ ପରିଷ୍କାର ଧଳା କନା ପକାଇ ଯେତେବେଳେ ବଡ଼ି ଗଢ଼ାଯାଏ, ତାହା ଦେଖିବାକୁ ଚମତ୍କାର ଲାଗେ। ବଡ଼ି ତିଆରି କଲାବେଳେ କୁହାଯାଏ, 'ଅମୁକ ବଡ଼ି ପାରୁଛି'। ଓଡ଼ିଆ ଭାଷାରେ ଏମିତି ବର୍ଣ୍ଣନା ନିଶ୍ଚିନ୍ତ ଭାବେ ଏହି ଛୋଟିଆ ଖାଦ୍ୟ ବଡ଼ି ପାଇଁ ଗର୍ବର କଥା। ଥରେ ପାରିଦେବା ପରେ ବଡ଼ିକୁ ଖରାରେ ଶୁଖେଇ ସିଦ୍ଧ କରିବା ଦରକାର ପଡ଼େ। ଆଚାର ଭଳି ବଡ଼ି ଏକ ସୌରରଶ୍ମି - ସିଦ୍ଧ ଖାଦ୍ୟ ପଦାର୍ଥ। ହେଲେ ବଡ଼ିକୁ ସିଧାସଳଖ ଖିଆଯାଏ ନାହିଁ। ଏହାକୁ ଭାଜି କିମ୍ବା ନିଆଁରେ ପୋଡ଼ି ଅତି ଚମତ୍କାର ଭାବେ ସୁସ୍ୱାଦୁ କରାଯାଇଥାଏ। ଏବେ ଗ୍ରାମାଞ୍ଚଳ ସହରାଞ୍ଚଳ ସମେତ ଆଦିବାସୀ ମହିଳାମାନେ ମଧ୍ୟ ସେମାନଙ୍କର ସ୍ୱୟଂ ସହାୟକ ସଂଗଠନ ମାଧ୍ୟମରେ ଏହି ବଡ଼ି ବିଭିନ୍ନ ପ୍ରକାର ତିଆରି କରି କେବଳ ଭଲ ବେପାର କରିନାହାନ୍ତି ବରଂ ଓଡ଼ିଶାର ଏହି ପ୍ରାଚୀନତମ ଖାଦ୍ୟର ଅନ୍ୟତମ ଲୋକପ୍ରିୟ ସହାୟକ ସାମଗ୍ରୀଟି ବିଶ୍ୱର ବିଭିନ୍ନ ସ୍ଥାନରେ ପହଞ୍ଚିଲାଣି। ଆଜିକାଲି ବଡ଼ ବଡ଼ ସପିଂ ମଲ୍ ଏବଂ ସରକାରୀ ବା ବେସରକାରୀ ମେଳା ମହୋତ୍ସବରେ ଅଧିକରୁ ଅଧିକତମ ଭାବେ ବଡ଼ିର ବେପାର ହେଉଛି। ଅନଲାଇନରେ ମଧ୍ୟ ଅନେକ ସଂଗଠନ ଘର ପର୍ଯ୍ୟନ୍ତ ବଡ଼ି ପହଞ୍ଚାଇ ଦେଉଛନ୍ତି। ଗାଁ ଗହଳରେ କିଛି ଲୋକ ଅଧିକ ପରିମାଣରେ ତିଆରି କରି ଦୁଇପଇସା ରୋଜଗାର କରିବାର ପନ୍ଥା ବି ବାହାର କଲେଣି। ଏଇଠି ଗୋଟିଏ ଜାଣିବା କଥା। ସବୁ ବିରିରେ ବଡ଼ି ଭଲ ପ୍ରସ୍ତୁତ ହୋଇପାରିନଥାଏ। କେନ୍ଦୁଝର ବଡ଼ି ଭାରି ପ୍ରସିଦ୍ଧ ଓ ଲୋକପ୍ରିୟ ଏହା ପଛର କାରଣ ହେଉଛି ସେ ଅଞ୍ଚଳରେ ଏକ ପ୍ରକାର ସ୍ୱତନ୍ତ୍ର ବିରି ଚାଷ ହୋଇଥାଏ ଯାହାକି ଉତ୍କୃଷ୍ଟ ଓ ଭଲ ଧରଣର ବଡ଼ି ତିଆରି କରିବାରେ ସହାୟକ ହୋଇଥାଏ। ବଡ଼ିର ଲୋଡ଼ାପଣ ଓ ଆଦର ସବୁଘରେ ଆଉ ଗରିବ ଠାରୁ ଧନୀ ସମସ୍ତଙ୍କ ପାଖରେ। ଆମ ମାନଙ୍କ ଘର ପିଣ୍ଡାରୁ ବଡ଼ି ଏବେ ଭାରତ ବାହାରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଆଦର ପାଇଲିଣି। ବଡ଼ିକୁ ନେଇ ସରକାର ମଧ୍ୟ ପ୍ରୋତ୍ସାହନ ଦେଲେଣି ଅନେକ ମାଆ-ମାଉସୀ ମୋ ପ୍ରସ୍ତୁତିରେ ସେମାନଙ୍କ ନିତିଦିନିଆ ଗୁଜୁରାଣ ଚଳାଇବା ସହ ସ୍ୱାବଲମ୍ବୀ ହୋଇପାରୁଛି। ବଡ଼ି ଏପରି ଏକ ଖାଦ୍ୟ ଉପଯୋଗୀ ସାମଗ୍ରୀ ଯାହାକି ତାହାର ଶାରୀରିକ ଭାବେ କୌଣସି କ୍ଷତି କରିନଥାଏ। ସତରେ କେତେ ସ୍ୱାସ୍ଥ୍ୟପ୍ରଦ ଓ କମ ପଇସାରେ ଭଲ ଖାଦ୍ୟ ସାମଗ୍ରୀଟି ଏହି ବଡ଼ି !!


**ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଜିଲ୍ଲାସ୍ତରୀୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳନ

ବଲାଙ୍ଗୀର, (ମହାଭାରତ): ବଲାଙ୍ଗୀର ସଦରମହକୁମା ଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳନ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ, ଗାନ୍ଧୀ ଭବନ ସମ୍ମୁଖସ୍ଥ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରପରିଷଦର ଅଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ସଦରମହକୁମା ସ୍ଥିତ ଗାନ୍ଧୀନଗରପଡା ଠାରେ ଅବସ୍ଥାପିତ ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଏକ ସଭାର ଆୟୋଜନ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ ଓ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଉପସ୍ଥିତ ଥିଲେ । ସମ୍ମାନୀୟ ଅତିଥି ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ ଅର୍ପଣ କରିଥିଲେ ଏବଂ ସର୍ବଧର୍ମ ପ୍ରାର୍ଥନାରେ ଶ୍ରୀ ସତ୍ୟବନ୍ତ ବେଦବାକ, ଇମ୍ମାମ ସାହେବ ମହମ୍ମଦ ମୁସାହିତ ରାଜା, ନିମୁଏଲ ନାଗ, ଯଶବୀର ସିଂ ପ୍ରମୁଖ ସର୍ବଧର୍ମ ପାଠ କରିଥିଲେ । ଉପସ୍ଥିତ ସମ୍ମାନିତ ଅତିଥି ଅଭିଭାଷଣରେ କହିଥିଲେ, ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କେବଳ ଉତ୍ସବରେ ସୀମିତ ନରଖି, ଦୈନନ୍ଦିନ ଜୀବନରେ ତାଙ୍କର ମୂଲ୍ୟବୋଧକୁ ପ୍ରୟୋଗ କରି ସୁସମାଜ ଗଠନ କରିବା । ତାଙ୍କର ନୀତି ଶିକ୍ଷା ବିଶ୍ୱବ୍ୟାପୀ ଲୋକମାନଙ୍କୁ ପ୍ରେରଣା ଦେଇ ଚାଲିଛି, ସେଇ ନୀତି ଶିକ୍ଷାରେ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ ହୋଇ ଭଲ ମଣିଷ ହେବାକୁ ଅତିଥିବୃନ୍ଦ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ କିସ୍ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ବାପୁଜୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ । ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଲକ୍ଷ୍ମୀ ସାକିଆ ଏହି କାର୍ଯ୍ୟକ୍ରମର ସଂଯୋଜନା ତଥା ପରିଚାଳନା କରିଥିଲେ । ପୌର ନିର୍ବାହୀ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଜୟରାମ ମିଶ୍ର, ଡାଃ. ପ୍ରେମଚାନ୍ଦ ମହାନ୍ତି, ସନ୍ଦୀପ କୁମାର କୁଅଁର, କ୍ରୀଡ଼ାବାସ ଅଧିକ୍ଷକ ପରାଶର ବାଗ, କିସ୍ ?ର ପ୍ରଧାନଶିକ୍ଷକ ଆକାଶ କୁମାର ମିଶ୍ର, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପୌରପରିଷଦର କର୍ମଚାରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ବିମ୍ବାଧର ସୁନା, କର୍ମଚାରୀ ଦେବେନ୍ଦ୍ର ବାଗ, କ୍ରୀଡ଼ାବାସର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଗାନ୍ଧୀ ଜୟନ୍ତୀରେ ଶିକ୍ଷାର ଗୁଣାତ୍ମକ ମୂଲ୍ୟବୋଧର ବିକାଶ ବାର୍ତ୍ତା

ବାଲିପାଟଣା, (ମହାଭାରତ) : ଶିକ୍ଷା ଏପରି ଏକ ଶବ୍ଦ ଯାହା ମନୁଷ୍ୟ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଦେଶ ତଥା ଗୋଟିଏ ଜାତିର ସାମୁହିକ ବିକାଶ ର ମୂଳ ଆଧାର। କୁହାଯାଏ ଶିକ୍ଷା ର ବିକାଶରେ ଦେଶର ବିକାଶ।ଏଥି ନିମନ୍ତେ ସମ୍ପ୍ରତି ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ବିଭିନ୍ନ ପ୍ରୟାସ ଚାଲିଛି, ସମୟ ଉପଯୋଗୀ ନୂତନ ଶିକ୍ଷାନୀତି ମାନ ମଧ୍ୟ ପ୍ରଚଳନ କରାଯାଉଛି । ସମୟକ୍ରମେ ଶିକ୍ଷା ବ୍ୟବସ୍ଥା ରେ ଆବଶ୍ୟକୀୟ ପରିବର୍ତ୍ତନ ମଧ୍ୟ ଅଣାଯାଇଛି ଯାହା ଶିକ୍ଷାର୍ଥୀ ମାନଙ୍କ ର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।ଗୁଣାତ୍ମକ ଶିକ୍ଷା ଅର୍ଥ କଣ ? ଏହା ର ଅର୍ଥ ଶିକ୍ଷା ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ନୈତିକତା, ଉତ୍ତମ ଚରିତ୍ର ଗଠନ, ସତ୍ୟ, ଦୟା, ସମ୍ବେଦନଶୀଳତା, ସହନଶୀଳତା, ଇତ୍ୟାଦି ଗୁଣ ଗୁଡ଼ିକର ବିକାଶ କରାଇବା ମଧ୍ୟ ଆବଶ୍ୟକ, ଆଜିର ଶିକ୍ଷାର୍ଥୀ ନାଗରିକ ହିସାବରେ ରାଷ୍ଟ୍ର ପ୍ରତି ସମର୍ପିତ ମନୋଭାବ ପରିପୃଷ୍ଟ ହେବା ଉଚିତ୍।ଗୋଟିଏ ଆଦର୍ଶ ସମାଜ ର ଗଠନ ଦେଶର ସଭ୍ୟ ନାଗରିକ ମାନଙ୍କ ଉପରେ ନିର୍ଭର କରେ।ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାରେ ଆଧୁନିକ ବୈଜ୍ଞାନିକ ପଦ୍ଧତି ନୂତନ ଜ୍ଞାନ , କୌଶଳ କୁ ପ୍ରୟୋଗ କରି ଶିକ୍ଷା ପ୍ରଦାନ କରାଯାଉଛି।ବିଜ୍ଞାନ ର ଅଗ୍ରଗତି ହେଉଛି ମାତ୍ର ନଜରକୁ ଆସେ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଯେଉଁ ଆଦର୍ଶ ଗୁଣ ଗୁଡ଼ିକ ପରିଲକ୍ଷିତ ହେବ ଆବଶ୍ୟକ ସେସବୁ ର ଅଭାବ ରହିଯାଉଛି।

ଶିକ୍ଷା କେବଳ ବିଦ୍ୟାଳୟ ପରିବେଷ୍ଟନୀ ରେ କିମ୍ବା ପାଠ୍ୟପୁସ୍ତକ ରେ ସୀମିତ ରହି ପରୀକ୍ଷା ରେ ଉତ୍ତୀର୍ଣ୍ଣ ନିମିତ୍ତ ଶିକ୍ଷା ଗ୍ରହଣ କରିବା, ଶିକ୍ଷା ର ପ୍ରକୃତ ଲକ୍ଷ ନୁହେଁ, ବରଂ ଶିକ୍ଷା ମାଧ୍ୟମ ରେ ଶିକ୍ଷାର୍ଥୀ ର ସାମଗ୍ରିକ ମୂଲ୍ୟବୋଧର ପରିପ୍ରକାଶ, ସଭ୍ୟ ସମାଜ ଗଠନ ରେ ଶିକ୍ଷା କୁ ଉପଯୋଗୀ କରିବା ମୂଳଲକ୍ଷ୍ୟ। ଆଜିର ସମାଜରେ ଶିକ୍ଷାର୍ଥୀ ମାନଙ୍କ ର ଆଦର୍ଶ ଚରିତ୍ର ଗଠନ କେତେଦୂର ହେଉଛି ତାହା ଏକ ପ୍ରଶ୍ନବାଚୀ।ଜଣେ ଶିକ୍ଷାର୍ଥୀ ଉଚ୍ଚ ମାନର ଡିଗ୍ରୀ ହାସଲ କରି ଉଚ୍ଚ ଶିକ୍ଷିତ ରେ ଗଣାଯାଏ, ଯେତେବେଳେ ସେହି ଶିକ୍ଷା ସମାଜ ଉପଯୋଗୀ ହୁଏ ତାହା ହିଁ ତାର ପ୍ରକୃତ ଶିକ୍ଷା ର ପରିଚାୟକ।ଜାତିର ପିତା ମହାତ୍ମା ଗାନ୍ଧି ଙ୍କ ମତରେ-"literacy is not the end of education but rather one of the means to educate people" ଅର୍ଥାତ୍ ସାକ୍ଷରତା କେବଳ ଶିକ୍ଷାର ଶେଷ ଲକ୍ଷ ନୁହେଁ ବରଂ ଏହା ଲୋକଙ୍କୁ ଶିକ୍ଷିତ କରିବାର ଏକ ମାଧ୍ୟମ। ସେ ମତ ପ୍ରକାଶ କରିଥିଲେ ଯେ କେବଳ ପୁସ୍ତକ ପଢ଼ି ମଣିଷର ସର୍ବାଙ୍ଗୀନ ବିକାଶ ହୁଏ ନାହିଁ , ନୈତିକତା, ସାମ୍ପ୍ରଦୟିକ ମନୋଭାବ, ଆଦର୍ଶ, ସହଯୋଗ, ସତ୍ୟପଥ ଅନୁସରଣ କଲେ ମାନବ ର ମାନବିକତା ବିମଣ୍ଡିତ ହୁଏ। କର୍ମ ଓ କର୍ତ୍ତବ୍ୟ ମଧ୍ୟରେ ସମସ୍ତେ ନିଜର କର୍ମ କୁ ପ୍ରାଧାନ୍ୟ ଦେଇ କର୍ତ୍ତବ୍ୟ ରେ ସଙ୍କୁଚିତ ମନୋଭାବ ପୋଷଣ କରନ୍ତି, ତେଣୁ ଶିକ୍ଷା ର ଗୁଣାତ୍ମକ ମୂଲ୍ୟବୋଧ ର ବିକାଶ ସେତେବେଳେ ସମ୍ଭବ ଯେତେବେଳେ ବିଦ୍ୟାଳୟ ରେ ଦକ୍ଷ ଶିକ୍ଷକ ମାନଙ୍କୁ ନିଯୁକ୍ତି କରିବା ସହ , ସେମାନେ ସକାରାତ୍ମକ ଦୃଷ୍ଟିକୋଣ ରେ ନିଜର କର୍ତ୍ତବ୍ୟ କୁ ପାଳନ କରିବା ଉଚିତ୍। ଶିକ୍ଷା କୁ ପୁସ୍ତକ କିମ୍ବା ଶିକ୍ଷାୟତନ ରେ ସୀମିତ ନ ରହି ପ୍ରୟୋଗାତ୍ମକ କରିବା ଆବଶ୍ୟକ, ଆଜିର ଶିକ୍ଷାର୍ଥୀ ଆସନ୍ତା କାଲି ଦେଶର ନାଗରିକ ସେଥିପାଇଁ ଗୁଣାତ୍ମକ ମୂଲ୍ୟବୋଧ ସେମାନଙ୍କ ମଧ୍ୟରେ ପରିପୃଷ୍ଟ କରାଇବା ଏକାନ୍ତ ଅପରିହାର୍ଯ୍ୟ।

## ଗାନ୍ଧୀ ଜୟନ୍ତୀରେ ଛାତ୍ରଛାତ୍ରୀଙ୍କୁ ଅହିଂସା ମନ୍ତ୍ର

ବ୍ରହ୍ମଗିରି(ମହାଭାରତ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ବିଭିନ୍ନ ଜାଗାରେ ପାଳନ କରାଯାଇଛି । ବ୍ରହ୍ମଗିରି ବ୍ଲକ ଗୋମୁଣ୍ଡି, ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧିଜୀଙ୍କ ଜନ୍ମ ଜୟନ୍ତୀ ଖୁବ୍ ଧୁମଧାମରେ ପାଳନ ହୋଇଛି । ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କୁ ମହାତ୍ମା ଙ୍କର ବାଲ୍ୟଜୀବନ ଏବଂ ୧୯୧୯ ମସିହା ଠାରୁ ୧୯୪୭ ପର୍ଯ୍ୟନ୍ତ ଗାନ୍ଧୀ ଯୁଗର ସ୍ୱାଧୀନତା ପାଇଁ ବଳିଦାନ ତଥା ଅହିଂସା ଅସ୍ତ୍ର ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କରିଥିଲେ । ଏହା ବ୍ୟତୀତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଦାସ ଭାରତ ର ଦ୍ୱିତୀୟ ତଥା ସର୍ବଶ୍ରେଷ୍ଠ ସଚ୍ଚୋଟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଙ୍କ ବିଷୟରେ ଅଭିଭାଷଣ ଦେଇଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ମନୋଜ କୁମାର ମହାପାତ୍ର , ଗୋରା ଚାନ୍ଦ ପାହାଳ ଏବଂ ସସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନିତ କରିଥିଲେ ।

## ବିଜେପିର କର୍ମୀ ସମାବେଶ,ଯୋଗଦେଲେ ବିଧାୟକ ଛବି ମଲ୍ଲିକ



ବାରଙ୍ଗ, (ମହାଭାରତ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ପଞ୍ଚାୟତର କୁରୁଣ୍ଡି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କୁରୁଣ୍ଡେଇଙ୍କ ପୀଠରେ ଗତ ଗୁରୁବାର ଦିନ ବିଜେପିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିଆଳୀ ବିଧାୟକ ତଥା ଯୋଜନା ବୋର୍ଡର ଅଧ୍ୟକ୍ଷ ଛବି ମଲ୍ଲିକ ଯୋଗଦେଇ ପଞ୍ଚାୟତର ସାଂଗଠନିକ ସ୍ଥିତି, ଦଳୀୟ କାର୍ଯ୍ୟକଳାପ ଓ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନର ପ୍ରାୟ ଦୁଇ ବର୍ଷ ଚାରି ମାସ ପରେ କୁରାଙ୍ଗ ପ୍ରଧାନ ପଞ୍ଚାୟତ ସ୍ତରରେ ଏଭଳି କର୍ମୀ ସମାବେଶ ଆୟୋଜିତ ହୋଇଥିବାରୁ ସ୍ଥାନୀୟ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ବୈଠକରେ ପଞ୍ଚାୟତର ବିଭିନ୍ନ ୱାର୍ଡରେ ସାଂଗଠନିକ କାର୍ଯ୍ୟକୁ ଅଧିକ ସକ୍ରିୟ କରିବା ସହ ଲୋକଙ୍କ ସହ ନିୟମିତ ସମ୍ପର୍କ ରଖିବା ଏବଂ ସେମାନଙ୍କ ଅଭିଯୋଗ ଓ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତୃଣମୂଳ ସ୍ତରରେ ସାଂଗଠନିକ ସମନ୍ୱୟ ବଜାୟ ରଖିବା ଓ ଜନସାଧାରଣଙ୍କ ସହ ଯୋଡ଼ି ହୋଇ ରହିବା ଦଳୀୟ କର୍ମୀଙ୍କ ପ୍ରାଥମିକତା ହେବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଏଥିସହ କର୍ମୀମାନଙ୍କ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଲାଗି ପ୍ରତି ମାସରେ ଏଭଳି ବୈଠକ ଆୟୋଜନ କରିବାକୁ ସେ ମତ ଦେଇଥିଲେ। ସମାବେଶରେ ଉପସ୍ଥିତ କେତେକ ସ୍ଥାନୀୟ ବାସିନ୍ଦା ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ବିଧାୟକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବିଧାୟକ ସେମାନଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ ହୋଇଥିଲେ। ଜନସମସ୍ୟାର ସମାଧାନ ଦିଗରେ ଲୋକଙ୍କ ସହ ନିରନ୍ତର ଯୋଗାଯୋଗ ରଖିବାର ଆବଶ୍ୟକତା ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା । କାର୍ଯ୍ୟକ୍ରମର ଆୟୋଜନରେ ବରିଷ୍ଠ ସଂଗଠକ ଜୟନ୍ତ କୁମାର ଜେନା ଓ ଯୁବ ସଂଗଠକ ସୁବାସ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ କର୍ମୀମାନେ ସହଯୋଗର ହାତ ବଢ଼ାଇଥିଲେ । ଏହି କର୍ମୀ ସମାବେଶରେ ପଞ୍ଚାୟତର ୭ ଜଣ ୱାର୍ଡ ସଭ୍ୟଙ୍କ ସହ ବହୁ ସଂଖ୍ୟକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ। କର୍ମୀ ସମାବେଶରେ ପଞ୍ଚାୟତର ବିଭିନ୍ନ ୱାର୍ଡରେ ସାଂଗଠନିକ ସ୍ଥିତିର ସମୀକ୍ଷା, କର୍ମୀଙ୍କ ମଧ୍ୟରେ ସମନ୍ୱୟ ଏବଂ ସ୍ଥାନୀୟ ଲୋକଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିବା ବେଳେ ନିୟମିତ ବୈଠକ ମାଧ୍ୟମରେ ପଞ୍ଚାୟତ ସ୍ତରରେ ଦଳୀୟ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ।

## ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି : ସ୍ୱଚ୍ଛତା ସଚେତନତା ପାଇଁ ପାରାଦୀପ ବନ୍ଦର ପ୍ରାଧିକାରଣ ର ସ୍ୱତନ୍ତ୍ର ଅଭିଯାନ

ପାରାଦୀପ, (ମହାଭାରତ): ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ଉପାଧ୍ୟକ୍ଷ ଶ୍ରୀ ଟି.ଭେନୁ ଗୋପାଲ ଅକ୍ଟୋବର ୨ ଶୁକ୍ରବାର ଦିନ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ୬.୦ ସ୍ୱତନ୍ତ୍ର ଅଭିଯାନ ର ଏକ ଅଂଶବିଶେଷ ଭାବରେ, ସ୍ୱଚ୍ଛତା, ନାଗରିକ ଦାୟିତ୍ୱ ଏବଂ ସାମୂହିକ ଅଂଶଗ୍ରହଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ 'ସ୍ୱଚ୍ଛତା ରଥ' ମଧ୍ୟ ଶୁଭାରମ୍ଭ କରାଯାଇଥିଲା। 'ସ୍ୱଚ୍ଛତା ହିଁ ସେବା' ପ୍ରତିଯୋଗିତାର ବିଜେତାମାନଙ୍କୁ ଶ୍ରୀ ଟି. ଭେନୁ ଗୋପାଲ ସମ୍ମାନିତ କରି ସ୍ୱଚ୍ଛତା ଅଭିଯାନ ପ୍ରତି ସେମାନଙ୍କର ଉତ୍ସାହ ଏବଂ ଅବଦାନକୁ ପ୍ରଶଂସା କରିଥିଲା। ଏହି ପଦକ୍ଷେପ ଯୁବପିଢ଼ିଙ୍କୁ ନାଗରିକ ଦାୟିତ୍ୱ ଗ୍ରହଣ କରିବାକୁ ଏବଂ ଏକ ପରିଷ୍କାର ତଥା ସ୍ୱାସ୍ଥ୍ୟକର ଭବିଷ୍ୟତ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥିଲା । ଏହି କାର୍ଯ୍ୟକ୍ରମ ଏହି ସ୍ୱଚ୍ଛତା ବାର୍ତ୍ତା କେବଳ ଏକ ଅଭିଯାନ ନୁହେଁ, ବରଂ ଏହା ଏକ ସାମୂହିକ ଦାୟିତ୍ୱ ଏବଂ ଜୀବନଧାରାର ଏକ ମାର୍ଗ ଅଟେ।




## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ରାଇଘର, (ମହାଭାରତ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ୪୦ ନମ୍ବର ରାଜ୍ୟ ରାଜପଥର ବୋବେଇ ନିକଟରେ ଘଟିଛି ଏକ ଦୁଃଖଦ ସଡ଼କ ଦୁର୍ଘଟଣା। ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ମୃତ ଯୁବକ ହେଲେ ନାକଟିସିମୋଡା ପଞ୍ଚାୟତ ଅନ୍ତର୍ଗତ ମାଟିପାରା ଗ୍ରାମର ଲଖୋ କେଉଁଟଙ୍କ ପୁଅ ଗୋକୁଳ କେଉଁଟ। ଗୋକୁଳଙ୍କ ଅକାଳ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମାଟିପାରା ଗ୍ରାମ ସମେତ ପରିବାର ଓ ପରିଜନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ, ଗୋକୁଳ ବୋବେଇ ନିକଟ ୪୦ ନମ୍ବର ରାଜ୍ୟ ରାଜପଥ ଦେଇ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବା ପରେ ଗାଡ଼ିଟି ଘଟଣାସ୍ଥଳରେ ନରହି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଗୁରୁତର ହୋଇ ରାସ୍ତା ଉପରେ ପଡ଼ିଥିବା ଗୋକୁଳଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ତାଙ୍କ ଜୀବନ ରକ୍ଷା ହୋଇପାରିନଥିଲା।

## ଡିଏଭି ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟରେ ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀରେ ସେବା, ସ୍ୱଚ୍ଛତା ଓ ଦେଶପ୍ରେମର ବାର୍ତ୍ତା

ପାରାଦ୍ୱୀପ, (ମହାଭାରତ): ଡିଏଭି ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଇକୋ କ୍ଲବ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ସ୍କାଉଟ୍ ଓ ଗାଇଡ୍‌ର ଛାତ୍ରଛାତ୍ରୀମାନେ ରକ୍ତଦାନ ସଚେତନତା ରାଲି ମାଧ୍ୟମରେ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରସାର କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇଁ 'ଜଙ୍କଭ ଲକ୍ଷ୍ମ ଉଇଠ' ମଧ୍ୟ ଆୟୋଜିତ ହୋଇଥିଲା । ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନ, ଆଦର୍ଶ ଓ ଦେଶ ପାଇଁ ଅବଦାନ ଉପରେ ଏକ ତଥ୍ୟଭିତ୍ତିକ ଚଳଚ୍ଚିତ୍ର (ଡକ୍ୟୁମେଣ୍ଟାରୀ ଭିଡିଓ) ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହାପରେ ଶିକ୍ଷକ ଓ ଛାତ୍ରୀ ସାଂସ୍କୃତିକ ସଚିବଙ୍କ ଦ୍ୱାରା ପ୍ରେରଣାଦାୟୀ ଭାଷଣ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନାଟ୍ୟାଭିନୟ ଏବଂ ମନମୁଗ୍ଧକର ଦଳୀୟ ସଙ୍ଗୀତ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା । ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ହୋତା ତାଙ୍କ ଅଭିଭାଷଣରେ ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଓ ସ୍ୱଚ୍ଛତାର ଆଦର୍ଶ ଏବଂ ଶାସ୍ତ୍ରୀଜୀଙ୍କ ସରଳତା, ଶୃଙ୍ଖଳା ଓ ଦେଶସେବାର ମୂଲ୍ୟବୋଧକୁ ଛାତ୍ରଛାତ୍ରୀମାନେ ନିଜ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ ଓ ଶେଷରେ ଶିକ୍ଷୟିତ୍ରୀ ସ୍ମୃତିରେଖା ସାହୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶକୁ ସ୍ମରଣ କରିବା ସହିତ ଛାତ୍ରଛାତ୍ରୀଙ୍କ ମନରେ ସ୍ୱଚ୍ଛତା, ସେବା, ଶୃଙ୍ଖଳା ଓ ଦେଶପ୍ରେମର ଭାବନା ଜାଗ୍ରତ କରାଯାଇଥିଲା ।



## ଗଜାନନଙ୍କ ଭସାଣି ଉତ୍ସବରେ କମ୍ପିଲା ସମଗ୍ର ଅଞ୍ଚଳ : ବାଦ୍ୟଯନ୍ତ୍ରର ତାଳେ ତାଳେ ସଭାପତିଙ୍କ ସହ ଝୁମିଲେ ସଦସ୍ୟ



ପାରାଦ୍ୱୀପ, (ମହାଭାରତ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାତ୍ମାଗାନ୍ଧୀ ଯୁବକ ସଙ୍ଘ ପାଳନ କରି ଆସୁଥିବା ଗଜାନନ ଙ୍କ ପୂଜା କୁ ଧୁମ ଧାମରେ ପାଳନ କରି ଚର୍ଚ୍ଚାରେ ଥିଲାବେଳେ ଗତ କଲି ଗୁରୁବାର ଦିନ ଭଷାଣି ଉତ୍ସବ ସମଗ୍ର ଅଞ୍ଚଳ ରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା । ରେଲୱେ କଲୋନୀ ପୂଜା ମଣ୍ଡପରୁ ପ୍ରଭୁ ଗଜାନନ ଙ୍କୁ ସୁସଜ୍ଜିତ ଗାଡ଼ିରେ ରଖି ରୀତିନୀତି ନିୟମ ଅନୁଯାଇ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ। ପାରମ୍ପରିକ ବାଦ୍ୟ ଯନ୍ତ୍ର ସହିତ ଝଙ୍କଡ଼ ମା ସାରଳା ଙ୍କ ପୀଠରୁ ଆସିଥିବା ଘଣ୍ଟୁଆ ମାନେ ପରିବେଷଣ କରିଥିବା ନୃତ୍ୟ ସହିତ ସନ୍ଧ୍ୟାଳତୀ କଲୋନୀ ବାସିନ୍ଦା ଏବଂ ଶ୍ରଦ୍ଧାଳୁ ମାନଙ୍କୁ ବିମୁଗ୍ଧ କରି ଦେଇଥିଲା। ସଂଘର କର୍ମକର୍ତ୍ତା ମାନେ ବାଦ୍ୟ ର ତାଳେ ତାଳେ ଝୁମିବାସହ ଦେଖଣାହାରୀ ଏହାର ମଜା ନେଇଥିଲେ। ପାଗ ଅନୁକୂଳ ଥିବାରୁ ଭଷାଣି ଉତ୍ସବ ର ମଜା ସଙ୍ଘର କର୍ମକର୍ତ୍ତା ତଥା ସଦସ୍ୟ ମାନେ ଭରପୁର ମଜା ନେଇଥିଲେ। ସଙ୍ଘର ସଭାପତି ଚନ୍ଦନ ପରିଡା ଙ୍କୁ ପଚାରିବାରେ ଦୀର୍ଘ ତିରିଶ ବର୍ଷ ଧରି ପ୍ରଭୁଙ୍କ ପୂଜା ରୀତିନୀତି ନିୟମ ଅନୁଯାୟୀ ପାଳନ ହେଇ ଆସୁ ଥବାବେଳେ ଭାଇଚାରା ମଧ ବଜାଇ ରହିଛି ବୋଲି କହିଥିଲେ ଏବଂ ସମସ୍ତଙ୍କ ଉତ୍ତରୋତ୍ତର କାମନା କରିଥିଲେ। ଶାନ୍ତି ଶୃଙ୍ଖଳା ସହ ଭଷାଣି ଉତ୍ସବ ପାଳନ ହେଇଥିବାରୁ ସଙ୍ଘର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇବାସହ କଲୋନୀ ବାସିନ୍ଦାଙ୍କ ସହଯୋଗକୁ କେବେବି ଭୁଲି ପାରିବେନି ବୋଲି ହସି ହସି କହିଛନ୍ତି ଚନ୍ଦନ। ଏହି ରଙ୍ଗା ରଙ୍ଗ ଭଷାଣି ଉତ୍ସବ କୁ ସଂଘର ପ୍ରସନ୍ନ ସାମଲ, ବାପି, ଦୀପକ, ସୁଜିତ, ଦିଗନ୍ତ ସନ୍ତୋଷ କାବୁଲା, ଧନିଆଁ, ସୁମନ୍ତ, ସିଧୁ, ସିନା ରେଡ୍ଡୀ, ପଙ୍କଜ , ସୁଶାନ୍ତ, ଦିଲୀପ ରାଓ (ଡଲୁ ), ମନୋଜ ନାୟକ ପ୍ରମୁଖ ସଂଘର କର୍ମକର୍ତ୍ତା ମାନେ ସକ୍ରିୟ ଭାବେ ପରିଚାଳନା କରିଥିଲା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ପ୍ରଭୁ ଗଜାନନ ଙ୍କୁ ଅଠରବାଙ୍କୀ ଗୋଳେଇ ଛକରେ ରଖି ସଭାପତି ଙ୍କ ସହ ସଂଘର ସମସ୍ତ ସଦସ୍ୟ ପାରମ୍ପରିକ ବାଦ୍ୟରେ ଝୁମି ନାଚି ମସଗୁଲ ରହି ପ୍ରଭୁଙ୍କୁ ବିସର୍ଜନ କରିଥିଲେ।

## ପାରାଦୀପ ବିଜେଡିର 'ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ




ପାରାଦୀପ, (ମହାଭାରତ): ବିଜୁ ଜନତା ଦଳ (ବିଜେଡି) ର ରାଜ୍ୟ ସଭାପତି ନବୀନ ପଟନାୟକ ଙ୍କ ଆହ୍ୱାନ କ୍ରମେ ପାରାଦୀପ ବିଜେଡି ପକ୍ଷରୁ ନଗର ସଭାପତି କୁମରବର ନାୟକ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗାନ୍ଧୀ ଜୟନ୍ତୀରେ ଅଠରବାଙ୍କି ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ୩ ନମ୍ବର ୱାର୍ଡ ଲକପଡା ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଅଠରବାଙ୍କି ଠାରୁ ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇ ଏଡିଏମ ଅଫିସ ସମ୍ମୁଖସ୍ଥ ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା । ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଅତୀତରେ ନବୀନ ପଟନାୟକ ଙ୍କ ସୁଶାସନ ବିଷୟରେ ଜନସାଧାରଣ ମାନଙ୍କୁ ଅବଗତ କରାଯିବା ସହ ବର୍ତ୍ତମାନ ର ବିଜେପି ସରକାର ର ଜନସ୍ୱାର୍ଥ ବିରୋଧୀ ନୀତି ଓ ନିର୍ବାଚନ ସମୟରେ ଦେଇଥିବା ମିଥ୍ୟା ପ୍ରତିଶୃତି କୁ କଟୁ ଭାଷାରେ ସମାଲୋଚନା କରାଯିବା ସହିତ ବିଜୁ ଜନତା ଦଳକୁ ପୁନର୍ବାର କ୍ଷମତାସିନ କରିବା ନିମନ୍ତେ ଦଳୀୟ କର୍ମୀ ଓ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ ନଗର ସଭାପତି କୁମରବର ନାୟକ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ଦୃଢ଼ ନେତୃତ୍ୱ ପ୍ରତି କର୍ମୀ ମାନଙ୍କ ବିପୁଳ ସମର୍ଥନ ଦେଖିବାକୁ ମିଳିଥିଲା । ଏହି ଜନସମ୍ପର୍କ କାର୍ଯ୍ୟକ୍ରମରେ ପାରାଦୀପ ନଗର ବିଜେଡି ର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ କୁମାର ପରିଡା, ଚିତ୍ତ ରଞ୍ଜନ ରାଉତରାୟ, ଜଗନ୍ନାଥ ରାଓ, ଯୁବ ସଭାପତି ଆଲୋକ କୁମାର ମହାପାତ୍ର, ପାରିଷଦ ଅଜିତ କୁମାର ଷଡଙ୍ଗୀ, ନବକୁମାର ବେହେରା, ସୁଶାନ୍ତ ଦାସ, କବିତା ସାହୁ, ସ୍ୱପ୍ନାରାଣୀ ଜେନା, ପ୍ରଭାତୀ ସରୋଜିନୀ ସାହୁ, ରୁନୁ ପରିଡା, ଯୁବନେତା ରଶ୍ମି ରଞ୍ଜନ ପରିଡା, ନାରୀନେତ୍ରୀ ଚପଳା ସ୍ୱାଇଁ, ନଳିନୀ ପ୍ରଭା ସାହୁ, ରେଖା ପରିଜା, ଲିତା ବିଶ୍ୱାଳ, ଭାରତୀ ସାମନ୍ତରାୟ, ପ୍ରମିଳା ସାସମଲ ଙ୍କ ସମେତ ସମସ୍ତ ୧୯ ଟି ୱାର୍ଡର ଆଗଧାଡ଼ିର କର୍ମୀ ଓ ନେତୃସ୍ଥାନୀୟ ବ୍ୟକ୍ତି ମାନେ ସାମିଲ ହୋଇଥିଲେ ।

## ଓଡ଼ଗାଁ ଅଦାଲତ ଓ ବ୍ଲକ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ






ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ଅଦାଲତ ପରିସରରେ ତାଲୁକ ଆଇନସେବା ପ୍ରାଧିକରଣର ସଚିବ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ଦିବସ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଆଲୋଚନାଚକ୍ରରେ ଓଡ଼ଗାଁ ଦେୱାନୀ (ବରିଷ୍ଠ )ବିଭାଗ ବିଚାରପତି ରାଜେନ୍ଦ୍ର କୁମାର ଦାସ,ଦେୱାନୀ (କନିଷ୍ଠ ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ, ଗ୍ରାମ ନ୍ୟାୟାଳୟ ବିଚାରପତି ଏସ. ଆର ତୋଷାଳୀ,ଓକିଲସଙ୍ଘ ସଭାପତି ସୁଶାନ୍ତ କୁମାର ମିଶ୍ର,ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଇନ୍ଦୁଭୂଷଣ ମିଶ୍ର ଓ ଅନ୍ୟ ଆଇନଜୀବୀଙ୍କ ସମେତ ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ । ଅତିଥିମାନେ ବରିଷ୍ଠ ନାଗରିକଙ୍କ ସମାଜପ୍ରତି ଥିବା ଅବଦାନ ଓ ସମାଜ ସେମାନଙ୍କ ପାଇଁ କଣ ଅବଦାନ ରଖିବା ଉଚିତ ସେ ସମ୍ପର୍କରେ ଆଲୋଚନା କରି ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାରୀ ସ୍ତରରେ ଦିଆଯାଇଥିବା ସୁବିଧା ଓ ସେମାନଙ୍କ ପ୍ରତି ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ସଂଯୋଜନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ଗାଁ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ୮୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇ ଥିବାବେଳେ ସେମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା ।ବ୍ଲକ ଅତିରିକ୍ତ ବିଡିଓ କବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଯୋଗଦେଇ ସାମ୍ପ୍ରତିକ ସମାଜରେ ବରିଷ୍ଠ ନାଗରିକଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା,ସେମାନଙ୍କ ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରିଥିଲେ ।ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡ଼ଗାଁ ବରିଷ୍ଠ ନାଗରିକମଞ୍ଚ ସଭାପତି ବସନ୍ତ ମିଶ୍ର, କୁରାଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ରାମେଶ୍ୱର ପଣ୍ଡା,ଶ୍ୟାମସୁନ୍ଦର ଚୌଧୁରୀ, ବାଉଁଶଗାଡ଼ିଆ ଗୋପୀନାଥ ଜୀଉ ବରିଷ୍ଠ ନାଗରିକସଂଘ ସଭାପତି ହରିହର ପ୍ରଧାନ,ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ,ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରାଜକିଶୋର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।ଓଡ଼ଗାଁ ଅଞ୍ଚଳର ୯୫ ବର୍ଷୀୟ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ ଧ୍ରୁବଚରଣ ସେନାପତିଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପୂର୍ବରୁ ଆୟୋଜିତ ହୋଇଥିବା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ କୃତିତ୍ୱଲାଭ କରିଥିବା ୧୨ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ ପରିଚାଳନା କରିଥିବାବେଳେ ବ୍ଲକ୍ କର୍ମଚାରୀମାନେ ସହଯୋଗ କରିଥିଲେ।

# ବାପୁଜୀ ସେବାସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ଓଡ଼ଗାଁ,(ମହାଭାରତ): )ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ବାପୁଜୀ ସେବାସଂଘ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି ।ପୂର୍ବତନ ଜିଲାପରିଷଦ ମଦନ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାତ୍ମାଙ୍କ ସ୍ମୃତିଚାରଣ କରାଯାଇଥିଲା ।ଯେଉଁଦିନ ଆମେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇପାରିବା ତାହାହିଁ ବାପୁଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ଚୌଧୁରୀ,ପବିତ୍ର ଇନ୍ଦ୍ରଜିତ,ମାନସ ସାହୁ,ବୈକୁଣ୍ଠ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ ।

# ପ୍ଲାଷ୍ଟିକ ମୁକ୍ତ ଦୋଳବନ୍ଧ ଡାକରା ଦେଲେ ସ୍ୱେଚ୍ଛାସେବୀ ଓ ପ୍ରଶାସନିକ ଅଧିକାରୀ

ଗଜପତି(ମହାଭାରତ): ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ କେନ୍ଦ୍ର ତଥା ରାଜ୍ୟ ସରକାର ସ୍ୱଚ୍ଛ ପରିବେଶ ଉପରେ ବିଶେଷ ଦୃଷ୍ଟି ଦେବାକୁ ନେଇ ଜନସାଧାରଣଙ୍କୁ ଆହ୍ୱାନ କରୁଥିବା ବେଳେ ଏହି କଥାକୁ ଚିନ୍ତା କରି ପ୍ରକୃତି ପ୍ରେମୀ ମନୋଜ ଦାଶଙ୍କ ଡ଼ାକରାରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଜନସାଧାରଣ ଏକତ୍ରିତ ହୋଇ ଆଜି ସନ୍ଧ୍ୟାରେ ଐତିହାସିକ ଦୋଳ ବନ୍ଧ ସଫେଇ କାର୍ଯ୍ୟ କରିଥିଲେ । ଏଥିରେ ସହଯୋଗର ହାତ ବଢାଇଥିଲେ ପାରଳାଖେମୁଣ୍ଡି ଏସ୍ଡିପିଓ ମାଧବାନନ୍ଦ ନାୟକଙ୍କ ନେତୃତ୍ୱାଧୀନ ପୋଲିସ ବିଭାଗ ତଥା ଜିଲ୍ଲା ନ୍ୟାୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ୍ କୁମାର ମିଶ୍ର । ସେହିପରି ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଗନ୍ତାୟତ, ପ୍ରତାପ ମିଶାଲ, ରାଜେଶ୍ ନାହାକ, ଲୋକନାଥ ମିଶ୍ର, ନୃସିଂହ ବାବା, ଜୁନେଶ ଜେନା, ୱାଇ. ମୁରଲୀଧର, ରାୟ ଗୋବିନ୍ଦ ରାଜୁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟର ଆରମ୍ଭରେ ସମସ୍ତେ ଦୋଳବନ୍ଧ ଚତୁର୍ପାର୍ଶ୍ୱରେ ଉଠିଥିବା ଅନାବନା ଗଛ ଲତା ଆଦି ସଫା କରିଥିଲେ ଓ ପରେ ପାଣି ମଧ୍ୟରୁ ଯଥା ସମ୍ଭବ ପ୍ଲାଷ୍ଟିକ ଆବର୍ଜନା ବାହାର କରିବା ସହ ଜନସାଧାରଣଙ୍କୁ ପୋଖରୀ ମଧ୍ୟକୁ ପ୍ଲାଷ୍ଟିକ ନ ପକାଇବା ନେଇ ଯଥାସମ୍ଭବ ସଚେତନ କରିଥିଲେ ।

# ନଭେମ୍ବର ୧୫ରୁ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା



ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରକୁଳ ହାଇସ୍କୁଲ ପଡ଼ିଆରେ ପୁଣିଥରେ ଦେଖିବାକୁ ମିଳିବ ଫୁଟବଲ ମହାକୁମ୍ଭ ।ସାରା ଦେଶରୁ ବଛାବଛା ଟିମ୍‌କୁ ନେଇହେବ ପ୍ରତିଯୋଗିତା ।ଆଜି ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ନେଇ ତାରିଖ ଘୋଷଣା ହେବାପରେ ଫୁଟବଲପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି ।ଆଜି ବୁଢ଼ାବୁଢ଼ିଆଣୀରେ ଲଡୁକେଶ ଆଥଲେଟିକ ଆସୋସିଏସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ସ୍ଥାୟୀ ସଭାପତି ତଥା ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ସଫଳ ଆୟୋଜନ ନେଇ ବିଭିନ୍ନ ରୂପରେଖ ଚୂଡ଼ାନ୍ତ ହୋଇଥିଲା ।ନଭେମ୍ବର ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା କରିବାକୁ ନିଷ୍ପତ୍ତି ହୋଇଥିଲା ।ଦେଶର ବିଭିନ୍ନ ରାଜ୍ୟରୁ ବଛାବଛା ୮ଟି ଦଳ ଅଂଶଗ୍ରହଣ କରିବେବୋଲି ସୂଚନା ଦିଆଯାଇଥିଲା ।ଉପସଭାପତି ବୈକୁଣ୍ଠ ସିଠ,ବିକ୍ରମ କୁମାର ଦାଶ,ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ,କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଆସୋସିଏସନର ସଦସ୍ୟବୃନ୍ଦ ଉପସ୍ଥିତ ଥଲେ ।

# ସେବା ସଂକଳ୍ପ ଅଭିଯାନ ଦ୍ୱାରା ଜୁନିଅର ରେଡ଼ କ୍ରସ ସୋସାଇଟି ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର

**ବୌଦ୍ଧ,:**ଜିଲ୍ଲା ସେବା ସଂକଳ୍ପ ଅଭିଯାନ ୨୦୨୬ ଓ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ୨୦୨୬ ଅବସରରେ ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ଅନ୍ତର୍ଗତ ଜୁନିଅର ରେଡ଼ କ୍ରସ ସୋସାଇଟି ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବ୍ଲକ ଅଧିନସ୍ଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଜହ୍ନାପଙ୍କ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜୁନିଅର ରେଡ଼କ୍ରସ ପତାକା ଉତ୍ତୋଳନ କରି ଉକ୍ତ ଶିବିରକୁ ଉଦଘାଟନ କରିଥିଲେ । ସେବା ମନୋଭାବ ନେଇ ରକ୍ତଦାନ କରି ଅଞ୍ଚଳବାସୀଙ୍କୁ ସାହାଯ୍ୟ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା ଓ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଲଦୀପ ମିନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ କୁମାର ପ୍ରଧାନ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ୍, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସମସ୍ତ ରକ୍ତଦାତାଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ରକ୍ତଦାତା ମାନଙ୍କୁ ସମ୍ମାନିତ କରିଥିଲେ । ଜହ୍ନପଙ୍କ ମେଡିକାଲ ଅଧିକାରୀ ଡାକ୍ତର ଦିବ୍ୟରଞ୍ଜନ ମେହେର, ବାଉଁଶୁଣୀ ଆୟୁଷ ଡାକ୍ତର ଚମ୍ପୁରୁ ମାନସିଂ, ବୌଦ୍ଧ ଜିଲ୍ଲା ଡାକ୍ତରଖାନାର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ଭଂଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଦନ୍ତ ଚିକିତ୍ସକ ଡାକ୍ତର ବର୍ଷା ପ୍ରିୟଦର୍ଶିନୀ,ଏଚ ଆଇ ଭି /ଏଡ଼ସ ପରାମର୍ଶଦାତା ବନୋଜ କୁମାର ପ୍ରଧାନ, ଯୌନରୋଗ ପରାମର୍ଶଦାତା ପ୍ରମୋଦ କୁମାର ମହାରଣା, ଲବ୍ରୋଟାରୀ ଟେକନିସିଆନ ଦିଲ୍ଲିପ କୁମାର ଭୋଇ, ଦେବଦତ୍ତ କିଷାନ, ନର୍ସିଙ୍ଗ ଅଧିକାରୀ ଜୁଦା ଶବର, ସବିତା କୁଜୁ ଏବଂ ସହାୟକ ଭାବରେ ସୁରଜ ଭୋକ୍ତା ଓ ମହେନ୍ଦ୍ର କଲତା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ । ଶିବିରର ପ୍ରଥମ ରକ୍ତ ଦାତା ତଥା ମହିଳା ରକ୍ତ ଦାତା କମିରା ଗ୍ରାମର ଶିଳ୍ପାଞ୍ଜଳୀ ହୋତା, ଗୋଟିଏ ପରିବାରର ଯୁଗ୍ମ ରକ୍ତ ଦାତା ତଥା ସପତ୍ନୀକ ରକ୍ତଦାନ କରିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଓ ତାଙ୍କ ସହଧର୍ମିଣୀ ନେହା ଦୁବେ, ଆରତୀ ମିଶ୍ର ଏବଂ ବାପା ଝିଅ ଭାବରେ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ଶତପଥୀ ଓ ଝିଅ ଇପ୍ସିତା ଶତପଥି ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ଉପହାର ଦେଇ ସମ୍ମାନୀତ କରାଯାଇଥିଲା ।

# ପାରାଦୀପରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ




ପାରାଦୀପ(ମହାଭାରତ): ବିଜୁ ଜନତା ଦଳ (ବିଜେଡି) ର ରାଜ୍ୟ ସଭାପତି ନବୀନ ପଟନାୟକ ଙ୍କ ଆହ୍ୱାନ କ୍ରମେ ପାରାଦୀପ ବିଜେଡି ପକ୍ଷରୁ ନଗର ସଭାପତି କୁମରବର ନାୟକ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଗାନ୍ଧୀ ଜୟନ୍ତୀରେ ଅଠରବାଙ୍କି ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ୩ ନମ୍ବର ୱାର୍ଡ ଲକପଡା ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାପରେ ଅଠରବାଙ୍କି ଠାରୁ ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇ ଏଡିଏମ ଅଫିସ ସମ୍ମୁଖସ୍ଥ ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା । ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଅତୀତରେ ନବୀନ ପଟନାୟକ ଙ୍କ ସୁଶାସନ ବିଷୟରେ ଜନସାଧାରଣ ମାନଙ୍କୁ ଅବଗତ କରାଯିବା ସହ ନର୍ତ୍ତମାନ ର ବିଜେପି ସରକାର ର ଜନସ୍ୱାର୍ଥ ବିରୋଧୀ ନୀତି ଓ ନିର୍ବାଚନ ସମୟରେ ଦେଇଥିବା ମିଥ୍ୟା ପ୍ରତିଶୃତି କୁ କଟୁ ଭାଷାରେ ସମାଲୋଚନା କରାଯିବା ସହିତ ବିଜୁ ଜନତା ଦଳକୁ ପୁନର୍ବାର କ୍ଷମତାସିନ କରିବା ନିମନ୍ତେ ଦଳୀୟ କର୍ମୀ ଓ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ ନଗର ସଭାପତି କୁମରବର ନାୟକ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ଦୃଢ଼ ନେତୃତ୍ୱ ପ୍ରତି କର୍ମୀ ମାନଙ୍କ ବିପୁଳ ସମର୍ଥନ ଦେଖିବାକୁ ମିଳିଥିଲା । ଏହି ଜନସମ୍ପର୍କ କାର୍ଯ୍ୟକ୍ରମରେ ପାରାଦୀପ ନଗର ବିଜେଡି ର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ କୁମାର ପରିଡା, ଚିତ୍ତ ରଞ୍ଜନ ରାଉତରାୟ, ଜଗନ୍ନାଥ ରାଓ, ଯୁବ ସଭାପତି ଆଲୋକ କୁମାର ମହାପାତ୍ର, ପାରିଷଦ ଅଜିତ କୁମାର ଷଢଙ୍ଗୀ, ନବକୁମାର ବେହେରା, ସୁଶାନ୍ତ ଦାସ, କବିତା ସାହୁ, ସ୍ୱପ୍ନାରାଣୀ ଜେନା, ପ୍ରଭାତୀ ସରୋଜିନୀ ସାହୁ, ରୁନୁ ପରିଡା, ଯୁବନେତା ରଶ୍ମି ରଞ୍ଜନ ପରିଡା, ନାରୀନେତ୍ରୀ ଚପଳା ସ୍ୱାଇଁ, ନଳିନୀ ପ୍ରଭା ସାହୁ, ରେଖା ପରିଜା, ଲିତା ବିଶ୍ୱାଳ, ଭାରତୀ ସାମନ୍ତରାୟ, ପ୍ରମିଳା ସାସମଲ ଙ୍କ ସମେତ ସମସ୍ତ ୧୯ ଟି ୱାର୍ଡର ଆଗଧାଡିର କର୍ମୀ ଓ ନେତୃସ୍ଥାନୀୟ ବ୍ୟକ୍ତି ମାନେ ସାମିଲ ହୋଇଥିଲେ ।

# ମାନବିକ ପ୍ରୟାସର ମହାନ ଉଦାହରଣ କାକଟପୁର ପୁଲିସ




କାକଟପୁର(ମହାଭାରତ) :ଆଜି ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କାକଟପୁର ଥାନା ପରିସରରେ କାକଟପୁର ପୋଲିସ ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିର ଉତ୍ସାହ ଓ ମାନବିକତାର ପରିବେଶ ମଧ୍ୟରେ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ରକ୍ତଦାନ ଭଳି ମହତ୍ କାର୍ଯ୍ୟ ପ୍ରତି ସାଧାରଣରେ ସଚେତନତା ସୃଷ୍ଟି ସହ 'ମାନବ ସେବା ହିଁ ମାଧବ ସେବା'ର ବାର୍ତ୍ତା ପ୍ରସାରିତ ହୋଇଛି ।ଶିବିରକୁ ପୁରୀ ଏସ୍ ?ପି ଶ୍ରୀ ପ୍ରତୀକ ସିଂହ ଉଦଘାଟନ କରିଥିବାବେଳେ ଅତିରିକ୍ତ ଏସ୍ ?ପି ଶ୍ରୀ ସଚିନ ପଟେଲ ଏବଂ ନିମାପଡ଼ା ଏସ୍ ?ଡିପିଓ ଶ୍ରୀ ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଏଭଳି ମାନବିକ ପଦକ୍ଷେପ ପାଇଁ କାକଟପୁର ପୋଲିସର ପ୍ରୟାସକୁ ପ୍ରଶଂସା କରିଥିଲେ ।କାକଟପୁର ଥାନା ଆଇଆଇସି ଶ୍ରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱ ଓ ସୁଚାରୁ ସମନ୍ୱୟରେ ଶିବିରଟି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା । ଆଇଆଇସି ଶ୍ରୀ ସାହୁ ନିଜେ ରକ୍ତଦାନ କରି ରକ୍ତଦାନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିବା ସହ 'ପୁଲିସ ଫର ପିପୁଲ'ର ମାନବିକ ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲେ ।ଏହି ଅବସରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତା, କାକଟପୁର ପୋଲିସର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କୁ ପୋଲିସ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି । ଗାନ୍ଧୀଜୀଙ୍କ ଅହିଂସା, ସେବା ଓ ମାନବିକତାର ଆଦର୍ଶକୁ ସ୍ମରଣ କରି ଆୟୋଜିତ ଏହି ରକ୍ତଦାନ ଶିବିର ସମାଜ ପ୍ରତି ପୋଲିସର ଦାୟିତ୍ୱବୋଧ ଓ ମାନବିକ ଚିନ୍ତାଧାରାର ଏକ ଉଲ୍ଲେଖନୀୟ ଉଦାହରଣ ପାଲଟିଛି ।

# ରସାବଳୀକୁ ଜି.ଆଇ. ଟ୍ୟାଗ ମାନ୍ୟତାର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମରଣୀକା ଉନ୍ମୋଚିତ

**କେନ୍ଦ୍ରାପଡ଼ା,:**କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ ପ୍ରଭୁ ଶ୍ରୀ ଶ୍ରୀସିଦ୍ଧ ବଳଦେବଜୀଉଙ୍କ ମୁଖ୍ୟ ପ୍ରସାଦ ତଥା କେନ୍ଦ୍ରାପଡାର ପ୍ରସିଦ୍ଧ ରସାବଳୀକୁ ଭୌଗୋଳିକ ମାନ୍ୟତା ପ୍ରାପ୍ତି (ଜିଆଇ ଟ୍ୟାଗ)ର ୩ବର୍ଷ ପୂର୍ତ୍ତି ଉପଲକ୍ଷେ ବନ୍ଧୁ ମିଳନ ଓ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ଗୋପଛକ ସ୍ଥିତ କମଳ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରାପଡା ରସାବଳୀ ମିଷ୍ଟାନ ନିର୍ମାତା ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା (ଆଇଏଏସ), ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ରାପଡା ରସାବଳୀର ଏହି ମାନ୍ୟତାକୁ ବଜାୟ ରଖିବାକୁ ହେଲେ ତାହାର ଆନୁସଙ୍ଗିକ କାର୍ଯ୍ୟକ୍ରମ ଗୁଡିକ କିଭଳି କରାଯିବା ଆବଶ୍ୟକ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସଂଘର ମୁଖ୍ୟ ଉପଦେଷ୍ଟା ଅଧାପକ ଭୁବନ ମୋହନ ଜେନା, ସଂଘ ସଂଯୋଜକ ସରୋଜ କୁମାର ମହାନ୍ତି, ସଂପାଦକ ଆଡଭୋକେଟ ବଳରାମ ସାହୁ, ସହ ସଂପାଦକ କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ 'ଇଷ୍ଟ ପ୍ରିୟ ନୈବେଦ୍ୟ ରସାବଳୀ' ସ୍ମରଣିକା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଜି ଆଇ ଟ୍ୟାଗ ପାଇବା ପାଇଁ କରାଯାଇଥିବା ବିଭିନ୍ନ ପ୍ରକାର ଉଦ୍ୟମ, ଐତିହାସିକ ଦସ୍ତାବିଜ, ପୌରାଣିକ କାବ୍ୟ-କବିତା, ଓ ବୈଷୟିକ ଟିମ୍ ଦ୍ୱାରା ରସାବଳୀର ବିଭିନ୍ନ ପ୍ରକାର ପରୀକ୍ଷଣ ଓ ତଥ୍ୟ ସମ୍ବନ୍ଧରେ ସଂଯୋଜକ ସରୋଜ ମହାନ୍ତିବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ । ସଂଘର ସଭାପତି ସ୍ୱର୍ଗତ ସୌରୀ ଚନ୍ଦ୍ର ସାହୁ ଓ ଉପ ସଭାପତି ସ୍ୱର୍ଗତ ବୈଷ୍ଣବ ଚରଣ ପଣ୍ଡାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସେମାନଙ୍କ ଦାୟାଦ ଦିପକ କୁମାର ସାହୁ ଓ ମହେଶ୍ୱର ପଣ୍ଡାଙ୍କ ସମେତ ଜି.ଆଇ. ଟ୍ୟାଗ ପାଇଁ କାର୍ଯ୍ୟ କରିଥିବା ସ୍ୱେଚ୍ଛାସେବୀ ସଂଗଠନ ରାଇଡ଼ର ସମ୍ପାଦକ କିଶୋର କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରାଜ ନହର ଠାରେ ସ୍ୱଚ୍ଛ ଭାରତ ଦିବସ ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଗାନ୍ଧୀ ଛକ ଠାରେ ପ୍ର ଥ ମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମର୍ତ୍ତିରେ ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ମାନ୍ୟବର ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଜିଲ୍ଲା ପାଳ ,ଉପ ଜିଲ୍ଲା ପାଳ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ପରେ ଗାନ୍ଧୀ ଛକ ଠାରେ ଥିବା ମହାରାଜାଙ୍କ ପ୍ରତି ମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ପରେ ଏକ ପଦ ଯାତ୍ରା କରି ରାଜ ନହର ଠାରେ ସଫେଇ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ପରେ ଶପଥ ପାଠ କରାଯାଇଥିଲା ।

# ଦଶପଲ୍ଲା ଏନ୍‌ଏସି ପକ୍ଷରୁ ଗାନ୍ଧୀ ଜୟନ୍ତୀରେ 'ସ୍ୱଚ୍ଛ ଭାରତ ଦିବସ' ପାଳିତ



ଦଶପଲ୍ଲା, (ମହାଭାରତ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶୁକ୍ରବାର 'ସ୍ୱଚ୍ଛ ଭାରତ ଦିବସ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି । ସ୍ୱଚ୍ଛତା ହିଁ ସୁସ୍ଥ ଜୀବନର ମୂଳମନ୍ତ୍ର ବୋଲି ବାର୍ତ୍ତା ଦେବା ସହ ସହରବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଛି । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ ଯୋଗଦେଇଥିଲେ । ମହାତ୍ମା ଗାନ୍ଧୀ ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗୁରୁତ୍ୱ ଦେଉଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଏହାକୁ ଦୈନନ୍ଦିନ ଜୀବନର ଅଭ୍ୟାସରେ ପରିଣତ କରିବା ସହ ଏକ ସ୍ୱଚ୍ଛ ଦଶପଲ୍ଲା ଓ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ସହରର ବିଭିନ୍ନ ୱାର୍ଡରେ ସଫେଇ ଅଭିଯାନ ସହ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ କାଉନସିଲର, ଏନ୍‌ଏସି କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ପରିମଳ କର୍ମଚାରୀମାନେ ଉତ୍ସାହର ସହ ସାମିଲ ହୋଇ ନିଜ ଘର, ରାସ୍ତାଘାଟ ତଥା ପରିବେଶକୁ ପରିଷ୍କାର ରଖିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ସ୍ତରରେ ଆୟୋଜିତ ସ୍ୱଚ୍ଛତା ଭିତ୍ତିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରିମଳ ବିଶେଷଜ୍ଞ ଦେବୀଦତ୍ତ ତ୍ରିପାଠୀ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ । ଏହି ଅଭିଯାନ ସହରବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଏକ ନୂତନ ଜାଗରଣ ଓ ଉତ୍ସାହ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି ।

# କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

**କେନ୍ଦ୍ରାପଡ଼ା:**ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ -୨୦୨୬ ସାନ୍ତସାହିସ୍ଥିତ ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରୀଷ୍ଣ ଜେନା ଯୋଗ ଦେଇଥିଲେ । ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ସର୍ବଶ୍ରେଷ୍ଠ ସମ୍ବଳ । ସେମାନଙ୍କ ପରାମର୍ଶ, ଦିଗଦର୍ଶନ ଆମ୍ଭମାନଙ୍କୁ ଆଗକୁ ବଢିବାକୁ ସହାୟକ ହେବ । ବରିଷ୍ଠ ନାଗରିକମାନଙ୍କ ଧନ, ଜୀବନ, ସମ୍ମାନ ରକ୍ଷା କରିବା ପାଇଁ ସରକାର କଠୋର ନିୟମ ପ୍ରଣୟନ କରିଛନ୍ତି । ସେମାନଙ୍କୁ ସମ୍ମାନର ସହ ଜୀବନଯାପନ କରିବା ପାଇଁ ସରକାର ଅନେକ ଯୋଜନା କରିବା ସହ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଆମେ ସେମାନଙ୍କୁ ସମସ୍ତ ସହାୟତା ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ । ଇତ୍ୟବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥଙ୍କୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ନାଗରିକମାନଙ୍କ ପ୍ରତି ଥିବା କର୍ତ୍ତବ୍ୟ ବିଷୟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଜିଲ୍ଲାରେ ଥିବା ୧୦ ଗୋଟି ବରିଷ୍ଠ ନାଗରିକ ସଂଘକୁ ଉପଢ଼ୌକନ, ମାନପତ୍ର ଓ ଚାରା ବୃକ୍ଷ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବନ୍ୟା ରିଲିଫରୁ ବଞ୍ଚିତ ମାଣିକପାଟଣା ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଭେଟିଲେ

**କେନ୍ଦ୍ରାପଡ଼ା,:**ବ୍ରାହ୍ମଣୀ କୂଳରେ ଅବସ୍ଥିତ ସର୍ବାଧିକ ବନ୍ୟା କ୍ଷତିଗ୍ରସ୍ତ ଆଳି ବ୍ଲକର ମାଣିକପଟଣା ପଞ୍ଚାୟତ ସରକାରୀ ରିଲିଫ ଓ ଅନ୍ୟାନ୍ୟ ସହାୟତା ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେଇଛି । ପ୍ରାୟ ଦୁଇମାସ ଧରି ପାଞ୍ଚଥର ବନ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତବାସୀ ବାରମ୍ବାର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହେଇଥିଲେ ବି କିଛି ସୁଫଳ ନମିଳିବାରୁ ବାଧହେଇ ବନ୍ୟାର ମାସକ ପରେ ଆଜି ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଇଛନ୍ତି । ସମସ୍ତ ପରିବାରକୁ ରିଲିଫ ପ୍ରଦାନ କରାଯିବା, ଭାଙ୍ଗିଯାଇଥିବା ଗୃହକୁ ସଜାଡ଼ିବା ପାଇଁ ଆର୍ଥିକ ସହାୟତା, ସମସ୍ତ ଫସଲ ନଷ୍ଟ ହେଇଥିବାରୁ ଗୋଖାଦ୍ୟ ଯୋଗାଣ, ରବି ଫସଲ ପାଇଁ ଆଗୁଆ ଆନୁସଙ୍ଗିକ ସହାୟତା ପ୍ରଦାନ,ସମ୍ପୂର୍ଣ୍ଣ କୃଷିଋଣ ଛାଡ ପ୍ରଭୃତି ଦାବିକରି ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପ୍ରତଶ୍ରୁତି ଦେଇଥିଲେ ।ଏହି ପ୍ରତିନିଧି ଦଳରେ ଅଞ୍ଚଳର ବରିଷ୍ଠ ନେତା ପ୍ରତାପ ଜେନା, ସମିତି ସଭ୍ୟ ଅକ୍ଷୟ ତରାଇ, ସରପଞ୍ଚ ପ୍ରତିନିଧି ରଞ୍ଜନ ତରାଇ, ନିତ୍ୟାନନ୍ଦ ପାତ୍ର, କୈଳାସ ପାତ୍ର, ଜଗନ୍ନାଥ ପରିଡା, ନଳିନିକାନ୍ତ ଦାସ, ସୁଶାନ୍ତ ପରିଡା, ନିରଞ୍ଜନ ପରିଡା, ନିରଞ୍ଜନ କବି, କାଳନ୍ଦୀ ପରିଡା, ବିବେକ ବେହେରା, ଅରୁଣ ସାହୁ ଓ ଖଗେଶ୍ୱର ତରାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିରନିଦ୍ରାରେ ବିଶିଷ୍ଟ ବ୍ୟଙ୍ଗ କବି ତଥା ନାଟ୍ୟକାର ଆର୍ତ୍ତତ୍ରାଣ ମିଶ୍ର



ଗଣିଆ,(ମହାଭାରତ): ଦୀର୍ଘ ୬ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଆଖି ବୁଜିଛନ୍ତି ରାଜ୍ୟର ଜଣାଶୁଣା ବ୍ୟଙ୍ଗ କବି, ଅଭିନେତା ତଥା ନାଟ୍ୟକାର ଆର୍ତ୍ତତ୍ରାଣ ମିଶ୍ର । ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଧର୍ମପତ୍ନୀ ଓ ଦୁଇ ପୁଅଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ ।ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୬ ତାରିଖ ସନ୍ଧ୍ୟାରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ । ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଥିଲା । ମାତ୍ର ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଗୁରୁବାର ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ?ଓଟିଭିରେ ପ୍ରସାରିତ ଅତ୍ୟନ୍ତ ଲୋକପ୍ରିୟ ହାସ୍ୟ କାର୍ଯ୍ୟକ୍ରମ 'ଦି ଗ୍ରେଟ୍ ଓଡ଼ିଶା ପଲିଟିକାଲ ସର୍କସ୍' ମାଧ୍ୟମରେ ସେ ଘରେ ଘରେ ପରିଚିତ ହୋଇଥିଲେ । ନିଜର ବ୍ୟଙ୍ଗାତ୍ମକ କବିତା ଓ ନିଖୁଣ ଅଭିନୟ ଶୈଳୀ ଯୋଗୁଁ ସେ ଦର୍ଶକଙ୍କ ପ୍ରିୟଭାଜନ ହୋଇପାରିଥିଲେ । କେବଳ ଟେଲିଭିଜନ ପରଦା ନୁହେଁ, ମଞ୍ଚ ନାଟକ ରଚନା, ଉପନ୍ୟାସ ଲେଖନ ତଥା ନାଟ୍ୟ ନିର୍ଦ୍ଦେଶନାରେ ମଧ୍ୟ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଥିଲା ।

## ୟ୍ଲାଏଦୁବାଇ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ମାନିଲା ୟୁଏଇ

ଆବୁଧାବି: ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଜଣେ ବରିଷ୍ଠ ଅଧିକାରୀ ଫ୍ଲାଏଦୁବାଇ ବିମାନ ଏଫ୍‌ଜେଡ୍‌୧୦୭୩ରେ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି। ଏହାସହିତ ମଝି ଆକାଶରେ ଭାରତୀୟ ପାଇଲଟ କ୍ୟାପ୍ଟେନ ସ୍ମିତ୍ ମାଛର ଯେପରି ଭାବେ ସହ-ପାଇଲଟଙ୍କ ଛୁରାମାଡ଼ ପରେ ବି ବିମାନକୁ ସୁରକ୍ଷିତ ରଖିବାକୁ ଲଢ଼ିଥିଲେ ତା'ର ପ୍ରଶଂସା କରିଛନ୍ତି। ୟୁଏଇ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଅନୱର ଗାରଗାସ୍ କହିଛନ୍ତି, ମାଛର ଦୃଢ଼ତାର ସହିତ ଲଢ଼ି ଆତଙ୍କବାଦୀ କାର୍ଯ୍ୟକୁ ପଣ୍ଡ କରିବା ସହିତ ଏତେବଡ଼ ବିପର୍ଯ୍ୟୟ ହେବାରୁ ରକ୍ଷା କରିଥିବାରୁ ପ୍ରଶଂସାର ପାତ୍ର। 'ଏକ୍ସ'ରେ ଏକ ପୋଷ୍ଟ କରି ସେ କହିଛନ୍ତି, ଆତଙ୍କବାଦ ଓ ଉଗ୍ରବାଦର ମୁକାବିଲା ପାଇଁ ସତର୍କତା ଆବଶ୍ୟକ। ଫ୍ଲାଏଦୁବାଇ ଘଟଣା ପରେ ପ୍ରଥମ ଥର ପାଇଁ ୟୁଏଇ ଅଧିକାରୀ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ସ୍ୱୀକାର କରିଛନ୍ତି। ସେପ୍ଟେମ୍ବର ୩୦ ରେ ଦୁବାଇରୁ ତେଲ ଅଭିଭ ଯାଉଥିବା ବିମାନ ପରିଚାଳନା ସମୟରେ ମାଛର ଗୁରୁତର ଆହତ ହୋଇଥିଲେ। କକପିଟ୍ ?ରେ ଦୁଇ ପାଇଲଟ ମୁହାଁମୁହିଁ ହେବା ପରେ ବିମାନ ସାଉଦି ଆରବର ତାବୁକକୁ ଜରୁରୀ ଅବତରଣ କରିଥିଲା। ମାଛର କକ୍‌ପିଟ୍‌ରେ ଏକାକୀ ଆକ୍ରମଣକାରୀ ସହ ପାଇଲଟଙ୍କ ମୁକାବିଲା କରିବା ସହିତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସହାୟତାରେ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଥିଲା। ବିମାନଟିରେ ୧୭୪ ଜଣ ଯାତ୍ରୀ ଓ ଆଠ ଜଣ କ୍ରୁ ସଦସ୍ୟ ଥିଲେ। ଗୁରୁବାର ୟୁଏଇ ଛୁରାମାଡ଼ ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ବିମାନଟି ୟୁଏଇରେ ପଞ୍ଜିକୃତ ଓ ଏହାର ପତାକା ବହନ କରୁଥିବାରୁ ଘଟଣାର ପରିସ୍ଥିତି ଓ କାରଣ ତଦନ୍ତ ପାଇଁ ଏକ ଦଳ ଗଠନ କରାଯିବ। ତେବେ ୟୁଏଇ ସହ ପାଇଇଲଟଙ୍କ ପରିଚୟ ପ୍ରକାଶ କରିନାହିଁ।



## ଗାନ୍ଧୀ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ: 'ବିକଶିତ ଭାରତ' ପାଇଁ ବାପୁଙ୍କ ଆଦର୍ଶ ମାର୍ଗଦର୍ଶକ

ଗାନ୍ଧୀ ଜୟନ୍ତୀ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବାପୁଙ୍କ ଅମର ସନ୍ଦେଶ ଏକ ସୁନ୍ଦର ସମାଜ ଏବଂ 'ବିକଶିତ ଭାରତ' ଗଠନ ପାଇଁ ସମସ୍ତଙ୍କୁ ନିରନ୍ତର ମାର୍ଗଦର୍ଶନ କରୁଥିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବାପୁଙ୍କ ସମ୍ପୂର୍ଣ୍ଣ ଜୀବନ ସତ୍ୟ, ଅହିଂସା, କରୁଣା ଏବଂ ସେବାର ଏକ ଆଲୋକବର୍ତ୍ତିକା ଥିଲା, ଯାହା ପ୍ରତ୍ୟେକ ଯୁଗରେ ମାନବସମାଜକୁ ଦିଗଦର୍ଶନ ଦେବ ବୋଲି ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଏକ ଭିଡିଓ ସନ୍ଦେଶ ମାଧ୍ୟମରେ ପ୍ରଧାନମନ୍ତ୍ରୀ



ମୋଦୀ କହିଛନ୍ତି ଯେ, ଏହି ଦିନର ଗୁରୁତ୍ୱ ନିଜ ଦେଶବାସୀଙ୍କ ପାଇଁ ଅତ୍ୟନ୍ତ ନିବିଡ଼। ଗାନ୍ଧିଜୀଙ୍କ ଆଦର୍ଶ ସାରା ବିଶ୍ୱକୁ ପ୍ରେରଣା ଦେଇଛି ଏବଂ ସେ ଏପରି ଜଣେ ମହାନ ବ୍ୟକ୍ତିତ୍ୱ ଥିଲେ, ଯିଏ କ୍ଷମତାଠାରୁ ଦୂରରେ ଥାଇ ମଧ୍ୟ କୋଟି କୋଟି ଲୋକଙ୍କ ହୃଦୟରେ ସଦାସର୍ବଦା ଜୀବିତ ଅଛନ୍ତି। ମହାତ୍ମା ଗାନ୍ଧୀ ସଦାସର୍ବଦା ''ସ୍ୱଦେଶୀ'' ଗ୍ରହଣ କରିବାକୁ ସମସ୍ତଙ୍କୁ ପ୍ରୋତ୍ସାହିତ କରୁଥିଲେ, ଯେଉଁଥିରେ ''ଖାଦି'' ସର୍ବଦା ଶୀର୍ଷ ପ୍ରାଥମିକତା ହୋଇ ରହିଆସିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଜଣାଇ ଅକ୍ଟୋବର ୨ ତାରିଖରେ ଅନ୍ତତଃ ଗୋଟିଏ ହେଲେ ବି ଖାଦି ସାମଗ୍ରୀ କ୍ରୟ କରି ଗର୍ବର ସହ 'ସ୍ୱଦେଶୀ' ଆପଣାଇବାକୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ପୋରବନ୍ଦରଠାରେ ଜନ୍ମଗ୍ରହଣ କରିଥିବା ମହାତ୍ମା ଗାନ୍ଧୀ ୧୯୪୮ ଜାନୁଆରୀ ୩୦ ତାରିଖରେ ଦିଲ୍ଲୀଠାରେ ଶହୀଦ ହୋଇଥିଲେ।

## ଆଫଗାନିସ୍ତାନରେ ପାକିସ୍ତାନର ଘାତକ ଏୟାରଷ୍ଟ୍ରାଇକ

ନୂଆଦିଲ୍ଲୀ : ଆଫଗାନିସ୍ତାନରେ ପାକିସ୍ତାନର ଘାତକ ଏୟାରଷ୍ଟ୍ରାଇକ । ୯ ନାଗରିକଙ୍କ ମୃତ୍ୟୁ ଦାବି କଲା କାବୁଲ । ୨୨ ଆତଙ୍କବାଦୀ ନିହତ ହୋଇଥିବା କହିଲା ଇସଲାମାବାଦ। ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ପୁଣି ବଢ଼ିଛି ଉତ୍ତେଜନା। ଆଫଗାନିସ୍ତାନ ଭିତରେ ପାକିସ୍ତାନ ପୁଣି ଏୟାରଷ୍ଟ୍ରାଇକ୍ କରିଛି। ଆକ୍ରମଣରେ ୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଏବଂ ୧୧ ଜଣ ଆହତ ହୋଇଥିବା ତାଲିବାନ ସରକାର ଦାବି କିରିଛନ୍ତି। ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ଥିବା କହିଛି କାବୁଲ। ଅନ୍ୟପଟେ ପାକିସ୍ତାନ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରିଥିବା ଅଭିଯୋଗକୁ ଖଣ୍ଡନ କରିଛି। ଆକ୍ରମଣରେ ୨୨ ଜଣ ଆତଙ୍କବାଦୀ ନିହତ ହୋଇଥିବା ଇସଲାମାବାଦ ଦାବି କରିଛି। ପୂର୍ବ ଆଫଗାନିସ୍ତାନର କୁନାର ଏବଂ ଦକ୍ଷିଣର ହେଲମଣ୍ଡ ପ୍ରଦେଶରେ ଏହି ଆକ୍ରମଣ ହୋଇଛି।

## ୧୦୦ ରୁ ଅଧିକ ସଙ୍ଗଠନକୁ ହ୍ୟାକ୍ କଲା ଓପନଏଆଇର ଏଆଇ ଏଜେଣ୍ଟ

ୱାସିଂଟନ: ଚାଟ୍‌ଜିପିଟି ନିର୍ମାଣ କରିଥିବା କମ୍ପାନି ଓପନଏଆଇର ଏଆଇ ଏଜେଣ୍ଟ ୧୦୦ରୁ ଅଧିକ ସିଷ୍ଟମ ହ୍ୟାକ୍ କରିବାକୁ ଚେଷ୍ଟା କରିଥିବା କମ୍ପାନି ପକ୍ଷରୁ କୁହାଯାଇଛି। କମ୍ପାନୀ ଏହାର ଏଆଇ ଏଜେଣ୍ଟମାନଙ୍କ ଦ୍ୱାରା ପ୍ରଭାବିତ ୧୦୦ ରୁ ଅଧିକ ସଂଗଠନକୁ ସତର୍କ ସୂଚନା ଜାରି କରିଥିବା ବ୍ଲଗରେ ପୋଷ୍ଟ କରି କହିଛି। ଏଆଇ ଲ୍ୟାବ୍ କହିଛି ଯେ, ଜୁଲାଇରେ ଘଟିଥିବା ହଗିଂ ଫେସ୍ ଘଟଣା ପରେ ଏହା ମଡେଲ୍ କାର୍ଯ୍ୟକଳାପ ସମୀକ୍ଷା କରୁଛି। ଓପନଏଆଇ କହିଛି ଯେ, ଏପର୍ଯ୍ୟନ୍ତ ଏହା ଏପରି କୌଣସି ଘଟଣା ଚିହ୍ନଟ କରିନାହିଁ ଯାହା ହଗିଂ ଫେସ୍ ପ୍ରୟାସର ଗମ୍ଭୀରତା ସହିତ ସମାନ ଥିଲା, ଯେଉଁଠାରେ ୭୦୦ ଏଆଇ ଏଜେଣ୍ଟ କମ୍ପାନୀର ସିଷ୍ଟମକୁ ହ୍ୟାକ୍ କରିବାକୁ ଚେଷ୍ଟା କରିଥିଲେ। ଏହା ସୂଚାଇ ଦେଉଛି ଯେ, ପରୀକ୍ଷଣ ପର୍ଯ୍ୟାୟରେ ମଧ୍ୟ ଟେକ୍ କମ୍ପାନିଗୁଡ଼ିକ ସେମାନଙ୍କର ଉନ୍ନତ ଏଆଇ ମଡେଲଗୁଡ଼ିକ ଉପରେ ନିୟନ୍ତ୍ରଣ ହରାଉଛନ୍ତି। ଏଆଇ ମଡେଲଗୁଡ଼ିକ କେବଳ ସିଷ୍ଟମ ସୁରକ୍ଷାକୁ ଅଣଦେଖା କରୁନାହାନ୍ତି ନାହିଁ, ବରଂ ମାନବ ନିୟନ୍ତ୍ରଣରୁ ମଧ୍ୟ ଖସି ଯାଉଛନ୍ତି। ତଥାପି କମ୍ପାନୀ ଦାବି କରିଛି ଯେ ଏହି ସଂଗଠନଗୁଡ଼ିକରୁ କୌଣସି ତଥ୍ୟ ଚୋରି ହୋଇନାହିଁ। ଏହିପରି ଦୁର୍ବ୍ୟବହାରପୂର୍ଣ୍ଣ ଏଆଇ ଘଟଣା ଓ ସୁରକ୍ଷା ବିପଦ ପାଇଁ ସମଗ୍ର ଏଆଇ ଶିଳ୍ପ ଉପରେ ନଜର ରଖାଯାଇଛି। ଜ୍ୟାକବ କକ୍ସନ ଓ ଇଭାନ ହୁବିଙ୍ଗରଙ୍କ ପରି ଏଆଇ ଗବେଷକମାନେ ଦାବି କରିଛନ୍ତି ଯେ, ଏଆଇ ଖୁବ୍ ଶୀଘ୍ର ମାନବଜାତିକୁ ଶେଷ କରିପାରେ। ଆନ୍ଥ୍ରୋପିକର ସିଇଓ ଡାରିଓ ଆମୋଡେଇ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଏହା ଏହି ପ୍ରଯୁକ୍ତିର ସବୁଠାରୁ ବଡ଼ ବିପଦ ହୋଇ ରହିଛି। ଏଆଇ ବିକାଶରେ ମନ୍ଥରତା ପାଇଁ ଆହ୍ୱାନ ପରେ, କିଛି ବଡ଼ ଆମେରିକୀୟ ଟେକ୍ କମ୍ପାନୀ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ସୁରକ୍ଷିତ ଏଆଇ ବିକାଶ ପାଇଁ ଏକ ସ୍ୱେଚ୍ଛାକୃତ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

## ସିଜେପିର ପ୍ରତିବାଦରେ ଯୋଗଦେଲେ ବଲିଉଡ ଅଭିନେତା ନସିରୁଦ୍ଦିନ ଶାହ

ମୁମ୍ବାଇ: କକ୍ରୋଚ ଜନତା ପାର୍ଟି (ସିଜେପି) ମୁମ୍ବାଇରେ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ପ୍ରଦର୍ଶନ ଆରମ୍ଭ କରିଛି। ମହାରାଷ୍ଟ୍ର ସରକାର ଶିବାଜୀ ପାର୍କରେ ପ୍ରଦର୍ଶନ ପାଇଁ ଅନୁମତି ନ ଦେବା ପରେ ସିଜେପି ଶିବାଜୀ ପାର୍କ ବାହାରେ ପ୍ରଦର୍ଶନ ଆରମ୍ଭ କରିଛି। ସିଜେପିର ପ୍ରଦର୍ଶନକୁ ସମର୍ଥନ କରି ବହୁ ସଂଖ୍ୟାରେ ଲୋକ ଏକଜୁଟ ହୋଇଥିବାବେଳେ ବଲିଉଡର ବର୍ଷିଆନ ଅଭିନେତା ନସିରୁଦ୍ଦିନ ଶାହ ମଧ୍ୟ ନିଜ ସମର୍ଥନ ଜଣାଇ ପହଞ୍ଚି ଥିଲେ। ଅଭିନେତା ନାସିରୁଦ୍ଦିନ ଶାହଙ୍କୁ ଦେଖି ସିଜେପି ଆବାହକ ଅଭିଜିତ ଦୀପ୍‌କେ ତଟସ୍ଥ ହୋଇଯାଇଥିଲେ। ନସିରୁଦ୍ଦିନ ଶାହ ମଧ୍ୟ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଦୀପକେଙ୍କ ସହ ଏହି ସାକ୍ଷାତର ଭିଡିଓ ସେୟାର କରିଛନ୍ତି।ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ କକ୍ରୋଚ୍ ଜନତା ପାର୍ଟି ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରତିବାଦ ଉପରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ସେ



ସମଗ୍ର ଘଟଣାକୁ ଏକ ମିଥ୍ୟା କାହାଣୀ ପ୍ରସାର କରିବାର ପ୍ରୟାସ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ପ୍ରଥମେ ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ତିନି ନିର୍ବାଚନ କମିଶନରଙ୍କ ସାମ୍ବାଦିକ ସମ୍ମିଳନୀ ପରେ, ସେମାନଙ୍କର ମିଥ୍ୟା କାହାଣୀର ପର୍ଦ୍ଦାଫାସ ହୋଇଛି। ଏହା ସତ୍ତ୍ୱେ, ଏହି ମିଥ୍ୟା କାହାଣୀକୁ ଆଗକୁ ବଢ଼ାଇବା ପାଇଁ ପ୍ରୟାସ କରାଯାଉଛି। ସେମାନେ ଏଥିରେ ସଫଳ ହେବେ ନାହିଁ। ସିଜେପି ପ୍ରତିବାଦକୁ ଦୃଷ୍ଟିରେ ରଖି, ଶିବାଜୀ ପାର୍କ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ଆଖପାଖର ବାସିନ୍ଦାମାନେ ମଧ୍ୟ ପ୍ରତିବାଦ ପ୍ରତି ସେମାନଙ୍କର ଆପତ୍ତି ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁସାରେ, ଜଣେ ବାସିନ୍ଦା କହିଛନ୍ତି, ପ୍ରସ୍ତାବିତ ପ୍ରତିବାଦ ଆମ ଅଞ୍ଚଳର ଶାନ୍ତି ଓ ଜୀବନକୁ ବ୍ୟାହତ କରୁଛି। ସେମାନେ (ସିଜେପି) ଏହାକୁ ବଳପୂର୍ବକ ଆୟୋଜନ କରିବାକୁ ଚେଷ୍ଟା କରୁଛନ୍ତି। ଆବାସିକ ଅଞ୍ଚଳ ନିକଟରେ ଏପରି ପ୍ରତିବାଦକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ।

## ଟ୍ରକ୍ ଓ ଟେମ୍ପୋ ପିକଅପ୍ ଧକ୍କା, ୭ ମୃତ

ମହାରାଷ୍ଟ୍ର: ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାର ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଧାମଣଗାଁ ରେଲୱେ ନିକଟରେ ଚ୍ୟାନେଲ ନମ୍ବର ୯୭ରେ ଏକ ଟ୍ରକ୍ ଏବଂ ଟେମ୍ପୋ ପିକଅପ୍ ମଧ୍ୟରେ ଭୟଙ୍କର ଭାବେ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । ଫଳରେ ଏହି ଦୁର୍ଘଟଣାରେ ୭ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ୧୯ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ସୂଚନା ଅନୁସାରେ, ଟେମ୍ପୋ ପିକଅପ୍‌ଟି ଶ୍ରଦ୍ଧାଳୁମାନଙ୍କୁ ନେଇ ଶେଗାଓଁରୁ ଦୁର୍ଗାଦେବୀଙ୍କ ଦର୍ଶନ କରି ୱର୍ଧା ଅଭିମୁଖେ ଯାତ୍ରା କରୁଥିଲେ । ଏହି ସମୟରେ ସମୃଦ୍ଧି ମହାମାର୍ଗରେ ଟ୍ରକ୍ ଏବଂ ଟେମ୍ପୋ ପିକଅପ୍ ମଧ୍ୟରେ ଧକ୍କା ହୋଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଟେମ୍ପୋ ପିକଅପ୍‌ଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଥିଲା । ଦୁର୍ଘଟଣାରେ ୭ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ଏବଂ ୧୯ ଜଣ ଆହତ ହୋଇଛନ୍ତି ।

## ନେପାଳ ହିମଲୁଙ୍ଗ ହିମାଲ ବେସ୍ କ୍ୟାମ୍ପରେ ଭୟାବହ ହିମସ୍ଖଳନ, ୧୫ ଜଣ ପର୍ବାତାରୋହୀଙ୍କ ମୃତ୍ୟୁ



ନେପାଳ: ବଢ଼ି ଚାଲିଛି ନେପାଳ ହିମସ୍ଖଳନ ମୃତ୍ୟୁ ସଂଖ୍ୟା । ନେପାଳର ହିମଲୁଙ୍ଗ ହିମାଲ ବେସ୍ କ୍ୟାମ୍ପରେ ଭୟାବହ ହିମସ୍ଖଳନ ଘଟି ପ୍ରାୟ ୧୫ ଜଣ ନେପାଳୀ ପର୍ବାତାରୋହୀଙ୍କ ମୃତ୍ୟୁ ହୋଇଛି । ଚଳିତ ପର୍ବତାରୋହଣ ଋତୁରେ ଏହା ଦେଶର ସବୁଠାରୁ ବଡ଼ ଦୁର୍ଘଟଣା । ଉତ୍ତର ନେପାଳର ମାନାଙ୍ଗ ଜିଲ୍ଲାରେ ଥିବା ୭,୧୨୬ ମିଟର ଉଚ୍ଚ ହିମଲୁଙ୍ଗ ହିମାଲ ପର୍ବତର ବେସ୍ କ୍ୟାମ୍ପରେ ଏହି ହିମସ୍ଖଳନ ହୋଇଛି । ବିଦେଶୀ ପର୍ବତାରୋହୀମାନେ ପହଞ୍ଚିବା ପୂର୍ବରୁ ୭,୧୨୬ ମିଟର ଉଚ୍ଚ ଏହି ପର୍ବତର ବେସ୍ କ୍ୟାମ୍ପରେ ବିଶାଳ ବରଫ ଖଣ୍ଡ ଧସି ପଡିବାରୁ ଏହି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ମୋଟ ୧୬ ଜଣ ସହାୟକ କର୍ମଚାରୀ ବରଫ ତଳେ ପୋତି ହୋଇଯାଇଥିଲେ । ବର୍ତ୍ତମାନ ସୁଦ୍ଧା ୧୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇ ହେଲିକପ୍ଟର ଯୋଗେ କାଠମାଣ୍ଡୁ ପଠାଯାଇଛି । ଓଖାଲଢୁଙ୍ଗାର ଜଣେ ଶ୍ରମିକ ଏବେ ବି ନିଖୋଜ ଅଛନ୍ତି । ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ନିଖୋଜ ଶ୍ରମିକଙ୍କୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ଥିବାରୁ ଉଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପାଣିପାଗ ପରିବର୍ତ୍ତନ ଏବଂ ପ୍ରବଳ ବରଫପାତ ଯୋଗୁଁ ଏହି ଅଞ୍ଚଳରେ ହିମସ୍ଖଳନର ବିପଦ ବଢ଼ିଯାଇଛି ।

## ଟ୍ରେଲରକୁ ପଛରୁ ଧକ୍କା ଦେଲା ବସ୍, ଚାଲିଗଲା ୪ ଜୀବନ

ଉତ୍ତରପ୍ରଦେଶ: ଆଜି ସକାଳେ ଉତ୍ତର ପ୍ରଦେଶର ଆମ୍ବେଦକର ନଗରରୁ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଖବର ସାମ୍ନାକୁ ଆସିଛି । ଏହି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଜୈତପୁର ଥାନା ଅଞ୍ଚଳରେ ଗୋରଖପୁର ଲିଙ୍କ ଏକ୍ସପ୍ରେସୱେରେ ଏକ ବସ୍ ଏକ ଟ୍ରେଲରକୁ ପଛପଟୁ ଧକ୍କା ଦେବା ଫଳରେ ଏହି ଦୁର୍ଘଟଣା ଘଟିଛି । ସୂଚନାନୁଯାୟୀ, ଗୋରଖପୁର ଲିଙ୍କ ଏକ୍ସପ୍ରେସୱେର ୮୫ କିଲୋମିଟର ନିକଟରେ ଏହି ଦୁର୍ଘଟଣା ଘଟିଛି । ଭଲଭୋ ବସ୍ ଟି ଲକ୍ଷ୍ନୌରୁ ଗୋରଖପୁର ଅଭିମୁଖେ ଯାତ୍ରା କରୁଥିଲା । ସେହି ସମୟରେ ବସଟି ପଛରୁ ଏକ ଟ୍ରେଲରକୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରରେ ଥିଲା ଯେ ବସ୍‌ର ସମ୍ମୁଖ ଭାଗ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ଘଟଣାସ୍ଥଳରେ ୪ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଥିଲେ । ଏହି ଘଟଣା ପରେ ସ୍ଥାନୀୟ ଲୋକ ଦୁର୍ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ଜୈତପୁର ପୋଲିସ ଷ୍ଟେସନ ଘଟଣାସ୍ଥଳରେ ପହଞ୍ଚିଥିଲା । ଦୁର୍ଘଟଣା ଯୋଗୁଁ ଏକ୍ସପ୍ରେସୱେରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ପୋଲିସ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଆହତମାନଙ୍କୁ ବସ୍‌ରୁ ଉଦ୍ଧାର କରାଯାଇଥିଲା ।

## ସେନା ଗୁଳିରେ ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ: ଅନୁପ୍ରବେଶ ଉଦ୍ୟମ ପଣ୍ଡ

ଅମୃତସର:ପଞ୍ଜାବର ତରନ୍ ତାରାନ୍ ସେକ୍ଟରସ୍ଥିତ ଭାରତ-ପାକିସ୍ତାନ ଆନ୍ତର୍ଜାତୀୟ ସୀମାରେ ସୀମା ସୁରକ୍ଷା ବଳ (ବିଏସଏଫ୍) ଯବାନମାନଙ୍କୁ ମିଳିଛି ବଡ଼ ସଫଳତା। ଶୁକ୍ରବାର ରାଜୋକେ ଗ୍ରାମ ନିକଟରେ ସୀମା ପାର ହୋଇ ଭାରତୀୟ ସୀମା ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ ଜଣ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିଏସ୍‌ଏଫ୍ ଯବାନମାନେ ଗୁଳି କରି ନିହତ କରିଛନ୍ତି। ଏହାସହ ସୀମା ପାର୍ଶ୍ୱରୁ ହେଉଥିବା ଏକ ବଡ଼ ଧରଣର ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ସଫଳତାର ସହ ପଣ୍ଡ କରିଦେଇଛନ୍ତି।

ପ୍ରାଥମିକ ସୂଚନାନୁସାରେ, ସନ୍ଦିଗ୍ଧ ପାକିସ୍ତାନୀ ନାଗରିକ ଦ୍ୱୟ ପାକିସ୍ତାନ ପଟୁ ଭାରତୀୟ ସୀମା ମଧ୍ୟକୁ ଅନୁପ୍ରବେଶ କରୁଥିବା ସମୟରେ ସୀମାରେ ମୁତୟନ ଥିବା ବିଏସ୍‌ଏଫ୍ ସୁରକ୍ଷା କର୍ମୀ ସେମାନଙ୍କ ଗତିବିଧି ଚିହ୍ନଟ କରିଥିଲେ। ଯବାନମାନେ ତୁରନ୍ତ ସେମାନଙ୍କୁ ସତର୍କ କରାଇବା ସହ ସେହିଠାରେ ଅଟକି ଯିବାକୁ ଚେତାବନୀ ଦେଇଥିଲେ। ତେବେ ସୁରକ୍ଷା ବଳଙ୍କ ସତର୍କତା ଓ ଚେତାବନୀକୁ ନଡରି ସୀମା ପାର୍ ହୋଇ ଭରତରେ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଏସ୍‌ଏଫ୍ ପକ୍ଷରୁ ଗୁଳିଚାଳନା କରାଯାଇଥିଲା, ଯାହାଫଳରେ ଗୁଳିବାଜି ଘଟଣାସ୍ଥଳରେ ହିଁ ଉଭୟ ଅନୁପ୍ରବେଶକାରୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ଉକ୍ତ ସୀମାନ୍ତ ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଜାରି ରହିଛି।



## ସମୁଦ୍ରରେ ବୁଡି ୮ ଛାତ୍ର ମୃତ

ମୁମ୍ବାଇ : ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ଦିଭେଆଗର ସମୁଦ୍ରକୂଳରେ ଗୁରୁବାର ଘଟିଛି ଅଘଟଣ। ପୁଣେର ଆଳନ୍ଦିରୁ ଏକ ଘରୋଇ କୋଚିଂ ସଂସ୍ଥା ପକ୍ଷରୁ ପିକନିକ୍ ରେ ଯାଇଥିବା ୮ ଜଣ ଛାତ୍ର ସମୁଦ୍ରରେ ବୁଡ଼ି ପ୍ରାଣ ହରାଇଛନ୍ତି। ସମସ୍ତ ୮ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ପୋଲିସ ସୂଚନା ଦେଇଛି। ମୃତ ଛାତ୍ରମାନେ ପୁଣେ ଜିଲ୍ଲାର ଆଳନ୍ଦିସ୍ଥିତ ଡସଭଭରକ୍ସଶ୍ଚ ଇମବୟରଙ୍କଛ ନାମକ ଘରୋଇ କୋଚିଂ ସଂସ୍ଥାର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ର ଥିଲେ। ମୋଟ ୪୮ ଜଣଙ୍କ ଏକ ଦଳ ଦିଭେଆଗର ବିଚ୍ କୁ ଯାଇଥିଲା। ଏଥିରେ ୨୫ ଜଣ ଛାତ୍ର, ୧୭ ଜଣ ଛାତ୍ରୀ ଓ ୬ ଜଣ ଶିକ୍ଷକ ଥିଲେ। ପୋଲିସର ପ୍ରାଥମିକ ସୂଚନା ଅନୁସାରେ, ଛାତ୍ରମାନେ ସମୁଦ୍ରକୁ ପଶିଥିବା ବେଳେ ପାଣିର ଗଭୀରତା ଓ ସ୍ରୋତର ଠିକ୍ ଅନୁମାନ କରିପାରିନଥିଲେ। ୮ ଜଣ ଛାତ୍ର ପାଣିରେ ଭାସିଯାଇଥିଲେ। ଖବର ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲା।

## ୧,୪୧୭ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲା : ଇଡି ଦ୍ୱାରା ୨ ଗିରଫ

କୃଷି ରପ୍ତାନି ବ୍ୟବସାୟରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ପ୍ରାୟ ୩୬,୦୦ରେଜିଷ୍ଟ୍ରଡ୍ ନିବେଶକଙ୍କ ଠାରୁ ୧,୪୧୭.୮୬ କୋଟି ଟଙ୍କା ଠକେଇ କରିବା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ଏସ୍. ନବୀନ କୁମାର ଓ ଏସ୍. ମୁଥୁସେଲଭମ୍। ଗତ ସେପ୍ଟେମ୍ବର ୨୯ ତାରିଖରେ ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ସେମାନଙ୍କୁ ଗିରଫ କରାଯିବା ପରେ ପିଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରେ କୋର୍ଟ ସେମାନଙ୍କୁ ୧୫ ଦିନ ପାଇଁ ନ୍ୟାୟିକ ହାଜତ (ଜୁଡିସିଆଲ୍ କଷ୍ଟଡି)କୁ ପଠାଇ ଦେଇଛନ୍ତି। ଇଡିର ସୂଚନାନୁସାରେ, ତାମିଲନାଡୁର




ଇରୋଡ୍ ଜିଲ୍ଲା କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ରୁଜୁ ହୋଇଥିବା ମାମଲା ଆଧାରରେ ଏହି ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତମାନେ 'ଏମଏସ୍ ୟୁନିକ୍ ଏକ୍ସପୋର୍ଟ' ଓ 'ଇଷ୍ଟ୍ ଭ୍ୟାଲି ଆର୍ଗୋ ଫାର୍ମସ୍' ନାମକ ସଂସ୍ଥା ମାଧ୍ୟମରେ 'ୟୁଏନ୍‌ଆଇ', 'ଏଫ୍‌ଏନପି', 'ଏଫ୍‌ଏପି' ଓ 'ୟୁଏନ୍‌ଆର୍' ଭଳି ବିଭିନ୍ନ ପ୍ରଲୋଭନକାରୀ ନିବେଶ ଯୋଜନା ଚଳାଉଥିଲେ। କୃଷିଜାତ ଦ୍ରବ୍ୟ ରପ୍ତାନିରୁ ଅଧିକ ଲାଭ ମିଳୁଥିବା କହି ସେମାନେ ୩୫,୭୫୯ ଜଣ ନିବେଶକଙ୍କଠାରୁ ବିପୁଳ ପରିମାଣର ଅର୍ଥ ସଂଗ୍ରହ କରିଥିଲେ। ମାତ୍ର ଆର୍ଥିକ ଯାଞ୍ଚରୁ ଜଣାପଡ଼ିଛି ଯେ, ଏହି କମ୍ପାନୀଗୁଡ଼ିକ ପ୍ରକୃତରେ କୌଣସି ରପ୍ତାନି ବ୍ୟବସାୟ କରୁନଥିଲେ ଏବଂ ଏହା କେବଳ ଲୋକଙ୍କୁ ଠକିବା ପାଇଁ ଏକ ଜାଲ୍ ବିଛାଯାଇଥିଲା। ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଛି ଯେ, ନିବେଶକଙ୍କ ୭୧୯ କୋଟିରୁ ଅଧିକ ଟଙ୍କା ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ, ସହଯୋଗୀ ସଂସ୍ଥା, ପରିବାର ସଦସ୍ୟ ଏବଂ ନିକଟତର ଲୋକଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ଏହି ପୁରା ଠକେଇର ମୁଖ୍ୟ ନାୟକ ନବୀନ କୁମାର ନିଜେ ସମସ୍ତ ବ୍ୟାଙ୍କିଙ୍ଗ କାରବାର ନିୟନ୍ତ୍ରଣ କରୁଥିଲେ। କମ୍ପାନୀରେ କେବଳ ୪ ଜଣ କର୍ମଚାରୀ ଥିବା ସତ୍ତ୍ୱେ ୩୯୦.୯୦ କୋଟି ଟଙ୍କା ମିଛରେ ଦରମା ବାବଦରେ ଦିଆଯାଇଥିବା ଦେଖାଯାଇଥିଲା ଏବଂ କୌଣସି ପ୍ରକୃତ କାରବାର ବିନା ୭୯.୫୬ କୋଟି ଟଙ୍କାର ପିଆଜ ଓ ଅନ୍ୟାନ୍ୟ କୃଷି ଦ୍ରବ୍ୟ କିଣାଯାଇଥିବା ଦର୍ଶାଯାଇଥିଲା। ଅନ୍ୟପକ୍ଷରେ, ଅନ୍ୟଜଣ ଅଭିଯୁକ୍ତ ମୁଥୁସେଲଭମ୍ ମାତ୍ର ୪୨.୧୦ ଲକ୍ଷ ଟଙ୍କା ନିବେଶ କରି କମିଶନ୍, ରେଫରାଲ୍ ବୋନସ୍ ଓ ରିଟର୍ଣ୍ଣ ଆକାରରେ ୧୨.୭୨ କୋଟି ଟଙ୍କା ହଡ଼ପ କରିଥିଲେ। ଗତ ଜୁନ୍ ମାସରେ ଇଡି ପକ୍ଷରୁ ୯ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ଏବେ ଅଧିକ ତଦନ୍ତ ଓ ସମ୍ପତ୍ତି ବାଜ୍ୟାପ୍ତ ପ୍ରକ୍ରିୟା ଜାରି ରହିଛି।

# ତୀରନ୍ଦାଜୀରେ କୋରିଆର ଦବଦବ ଭାଙ୍ଗିଲା ଭାରତ

## ମହିଳା ରିକର୍ଭରେ ଜିତିଲା ଐତିହାସିକ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୨।୧୦: ତୀରନ୍ଦାଜୀରେ ଦକ୍ଷିଣ କୋରିଆର ଦବଦବାରେ ପଡିଛି ପୂର୍ଣ୍ଣଚ୍ଛେଦ। ଦୀର୍ଘ ୪୪ ବର୍ଷ ହେଲା ରିକର୍ଭରେ କୋରିଆ ସବୁବେଳେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତି ଆସୁଥିଲା। ବିଶେଷ କରି ମହିଳା ଟିମ ଇଭେଣ୍ଟରେ କୋରିଆର

### ମିକ୍ସଡ ରିକର୍ଭ ଓ ପୁରୁଷ ରିକର୍ଭ ମ୍ୟାଚ୍‌ରେ ରୌପ୍ୟ ପଦକ ହାସଲ

ଆଖପାଖରେ କେହି ପହଞ୍ଚି ପାରୁ ନଥିଲେ।କିନ୍ତୁ ୨୦୨୬ରେ ଇତିହାସକୁ ବଦଳାଇ ଦେଇଛି ଭାରତୀୟ ମହିଳା ତୀରନ୍ଦାଜୀ ଟିମ। ରିକର୍ଭ ଇଭେଣ୍ଟର ଫାଇନାଲରେ ଦକ୍ଷିଣ କୋରିଆକୁ ହରାଇ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ପଦକ କବଜା କରିଛି। ଅଙ୍କିତା ଭଗତ, କ୍ରିତି ଶର୍ମା ଓ କୁମକୁମ ମୋହୋଦ ଭାରତକୁ ତୀରନ୍ଦାଜୀର ରିକର୍ଭରେ ଦେଇଛନ୍ତି ସ୍ୱର୍ଣ୍ଣିମ ସଫଳତା।

କୋରିଆ ହେଉଛି ରିକର୍ଭ ଇଭେଣ୍ଟର ବିଶ୍ୱ ବିଜେତା। ତୀରନ୍ଦାଜୀ ବିଶ୍ୱ ରାଙ୍କିଙ୍ଗର ୩ ନମ୍ବର ସ୍ଥାନରେ ଥିବା କାଙ୍ଗ ଚାଇୟଙ୍ଗ ମଧ କୋରିଆ ଟିମରେ ରହିଥିଲେ। କୋରିଆ ପାଇଁ ରିକର୍ଭ ସବୁବେଳେ ଗୋଟିଏ ଦୁର୍ଗ।ଏହି ଦୁର୍ଗକୁ ଭେଦ କରିବା ସମସ୍ତଙ୍କ ପ୍ରାୟ ଅସମ୍ଭବ ଥିଲା। କିନ୍ତୁ ଅଙ୍କିତା, କୁମକୁମ ଓ କ୍ରିତି ସବୁ କିଛି ବଦଳାଇ ଦେଇଛନ୍ତି। ସେମାନେ କୋରିଆ ସହ ଜୋରଦାର ଲଢେଇ କରି ୪୪ ବର୍ଷର ରାଜୁତି ଉପରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି।

ଫାଇନାଲରେ ଭାରତୀୟ ମହିଳା ଟିମ ୫-୩ରେ କୋରିଆକୁ ହରାଇ ଦେଇଛି। ଏହାପୂର୍ବରୁ ଚାଇନା ଠାରୁ ଭାରତୀୟ ମହିଳା ଟିମ ୫-୧ରେ ଜିତିଥିଲା। ଭାରତର ଏହି ୩ ମହିଳାଙ୍କ ସ୍ୱର୍ଣ୍ଣିମ ଯାତ୍ରା ମଧ ବେଶ ରୋଚକ।କୁମକୁମ ମାତ୍ର ୩ ବର୍ଷ ତଳେ ରିକର୍ଭ ତାଲିମ ଆରମ୍ଭ କରିଥିଲେ। ପାରମ୍ପରିକ ବାଉଁଶ ଧନୁ ତୀରରେ ସେ ଟାର୍ଗେଟକୁ ହିଟ୍ କରୁଥିଲେ। କ୍ରିତି ଏତେ ପତଳା ଥିଲେ ଯେ ସେ ରିକର୍ଭ ତୀର ଧରିବାକୁ ସକ୍ଷମ ହେଉନଥିଲେ।

ହେଲେ ଅଙ୍କିତା ଏହି ଖେଳର ଭେଟରାନ। ସେ ଏଯାଏ ୨୩ଟି ଅନ୍ତର୍ଜାତୀୟ ମେଡାଲ ଜିତି ସାରିଛନ୍ତି। ୨୦୨୩ ଏସିଆନ ଗେମ୍ସରେ ରିକର୍ଭରେ ବ୍ରୋଞ୍ଜ ଜିତିଥିବା ଭାରତୀୟ ମହିଳା ଦଳରେ ଅଙ୍କିତା ରହିଥିଲେ। ଭାରତ କେବେ ବି ରିକର୍ଭ ଫାଇନାଲରେ ପହଞ୍ଚି ପାରି ନଥିଲା। କିନ୍ତୁ ଏଥର ୩ ମହିଳା କମାଲ କରିଛନ୍ତି।

ଭାରତ ତୀରନ୍ଦାଜୀରେ ଆଉ ଏକ ପଦକ ହାସଲ କରିଛି। ପୁରୁଷ ରିକର୍ଭ ଦଳ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ସେମାନଙ୍କର ମୁକାବିଲା ଦକ୍ଷିଣ କୋରିଆ ସହ ହୋଇଥିଲା ।ଯେଉଁଥିରେ ବିପକ୍ଷ ଦଳ ଭାରତକୁ ୫-୧ ବ୍ୟବଧାନରେ ପରାସ୍ତ କରିଥିଲା। ଫଳସ୍ୱରୂପ, ଭାରତକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

ଏହା ପୂର୍ବରୁ ମିକ୍ସଡ ରିକର୍ଭ ଫାଇନାଲ ମ୍ୟାଚ୍‌ରେ ଚୀନଠାରୁ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଛି।

# ଏସିଆନ ଗେମ୍ସ ଉଦ୍‌ଯାପନୀ ଉତ୍ସବରେ ନୀରୁ ଧଣ୍ଡା ହେବେ ପତାକା ବାହକ



ନାଗୋୟା, ୨।୧୦: ରବିବାର ହେବାକୁ ଥିବା ଏସିଆନ ଗେମ୍ସ ଉଦ୍‌ଯାପନୀ ଉତ୍ସବରେ ଭାରତର ଅଗ୍ରଣୀ ଟ୍ରାପ୍ ଶୁଟର ନୀରୁ ଧଣ୍ଡା ଭାରତୀୟ ଦଳର ମହିଳା ପତାକା ବାହକ ହେବେ। ମହାଦେଶୀୟ କ୍ରୀଡ଼ା ଇଭେଣ୍ଟରେ ତାଙ୍କୁ ଅନ୍ୟତମ ସଫଳ ଆଥଲେଟ୍ ଭାବେ ବିବେଚନା କରାଯାଉଛି। ସେ ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ଜିତିଛନ୍ତି।

ଏହି ୨୭ବର୍ଷୀୟା କାଇନାନ୍ ଚେନାଇଙ୍କ ସହ ଟ୍ରାପ୍ ମିକ୍ସଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାର ଦିନକ ପରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ଶନିବାର ସକାଳେ ସେ ନାଗୋୟା ପେଁଛିବେ ଏବଂ ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଦଳର ନେତୃତ୍ୱ ନେବେ। ଡେପୁଟି ଚିଫ୍ ଡି' ମିଶନ ଅଞ୍ଜଳୀ ଭଗବତ ଶୁକ୍ରବାର ଏକଥା ପ୍ରକାଶ କରିଛନ୍ତି। ପୁରୁଷ ପତାକା ବାହକ କିଏ ହେବ ସେ ସମ୍ପର୍କରେ ଶନିବାର ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରଥମ ଭାଗରେ ନୀରୁ ଲୋନାଟୋଠାରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ମହିଳା ଟ୍ରାପ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

# ରେସଲିଂରେ ସୁଜିତଙ୍କୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୨।୧୦: ୬୫ କେଜି କୁସ୍ତିର ଫାଇନାଲ ପାଇଁ ମ୍ୟାଚ୍‌କୁ ଓହ୍ଲାଇଥିଲେ ସୁଜିତ। ତାଙ୍କର ମୁକାବିଲା ତାଜିକିସ୍ତାନର ଅବୁଲ ମାହଜିଦଙ୍କ ସହ ହୋଇଥିଲା। ଆରମ୍ଭୁ ମାହଜିଦ କମାଲ କରିଥିଲେ। ସେ ପ୍ରଥମ ୩ ମିନିଟରେ ୯ ପଏଣ୍ଟ ହାସଲ କରି ନେଇଥିଲେ। ଏହି ସମୟରେ ସୁଜିତଙ୍କ ପାଖରେ ମାତ୍ର ୨ ପଏଣ୍ଟ ରହିଥିଲା। ୩ ମିନିଟର ଖେଳ ଶେଷ ପରେ ମିଳିଥିଲା ବ୍ରେକ। ଆଉ ଏହାପରେ ନୂଆ ରଣନୀତି ସହ ମୈଦାନକୁ ଓହ୍ଲାଇଥିଲେ ସୁଜିତ। ସେ ଜବରଦସ୍ତ କମବ୍ୟାକ କରି ତାଜିକ ଖେଳାଳିଙ୍କ ହାତରୁ ମ୍ୟାଚ୍ ଛଡାଇ ନେଇଥିଲେ। ଏଥିସହ ସ୍ୱର୍ଣ୍ଣ ମୁକାବିଲାକୁ ୧୦-୯ରେ ଜିତିବାକୁ ସକ୍ଷମ ହୋଇଥିଲେ।

# ପ୍ରଥମ ଶ୍ରେଣୀ କ୍ରିକେଟରୁ ଚହଲଙ୍କ ଅବସର

ନୂଆଦିଲ୍ଲୀ, ୨।୧୦: ଭାରତର ଦିଗ୍ଗଜ ସ୍ପିନର ଯୁଜବେନ୍ଦ୍ର ଚହଲ ଫର୍ଷ୍ଟ-କ୍ଲାସ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଅର୍ଥାତ୍ ଏଣିକି କ୍ରିକେଟପ୍ରେମୀମାନେ ତାଙ୍କୁ ରେଡ-ବଲ କ୍ରିକେଟରେ ଖେଳୁଥିବା ଦେଖିପାରିବେ ନାହିଁ। ଚହଲ କେବେ ବି ଭାରତ ପାଇଁ ଟେଷ୍ଟ ମ୍ୟାଚ ଖେଳିନାହାନ୍ତି। ତେବେ ଦିନିକିଆ ଏବଂ ଟି-୨୦ ଦଳକୁ ତାଙ୍କର ପୁଣିଥରେ ଫେରିବା ଆଶା ଏବେ ବି ରହିଛି।



ଯୁଜବେନ୍ଦ୍ର ଚହଲ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ନିଜର ଫର୍ଷ୍ଟ-କ୍ଲାସ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ରେଡ-ବଲ କ୍ରିକେଟ ତାଙ୍କ ପାଇଁ କେବଳ ଏକ ସାଧାରଣ ଫର୍ମାଟ ନଥିଲା। ଫର୍ଷ୍ଟ-କ୍ଲାସ କ୍ରିକେଟ ତାଙ୍କୁ ଧୈର୍ଯ୍ୟ ଏବଂ କଠିନ ପରିସ୍ଥିତିରୁ ଉପରକୁ ଉଠିବାର କ୍ଷମତା ଶିଖାଇଛି।ନିଜ ପୋଷ୍ଟରେ ସେ ଲେଖିଛନ୍ତି, ଟିମ ଇଣ୍ଡିଆ ପାଇଁ ଖେଳିବାର ଭୋକ ଏବେ ବି ମୋ ଭିତରେ ରହିଛି। ମୋତେ ଲାଗୁଛି ଯେ, ମୋ ଭିତରେ ଏବେ ବି ବହୁତ କ୍ରିକେଟ ବାକି ଅଛି। ଦିନିକିଆ ଏବଂ ଟି-୨୦ରେ ଦେଶର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଁ ମୁଁ ମୋର ସମସ୍ତ ପ୍ରୟାସ ଜାରି ରଖିବି। ଯୁଜବେନ୍ଦ୍ର ଚହଲ ନିଜର ୪୯ଟି ଫର୍ଷ୍ଟ-କ୍ଲାସ ମ୍ୟାଚରେ ମୋଟ ୧୪୮ଟି ଉଇକେଟ୍ ନେଇଛନ୍ତି। ତେବେ ସେ କେବେ ବି ଭାରତୀୟ ଦଳ ପାଇଁ ଟେଷ୍ଟ ମ୍ୟାଚ ଖେଳିପାରିନାହାନ୍ତି। ଅନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ସେ ୭୨ଟି ଦିନିକିଆ ମ୍ୟାଚରେ ୧୨୧ଟି ଉଇକେଟ୍ ଏବଂ ୮୦ଟି ଟି-୨୦ ମ୍ୟାଚ୍‌ରେ ୯୬ଟି ଉଇକେଟ୍ ହାସଲ କରିଛନ୍ତି।

# ମହିଳା ଡିନ୍‌ଘିରେ ନେତ୍ରାଙ୍କୁ କାଂସ୍ୟ

ଆଇଚି୨।୧୦:: ଭାରତର ନେତ୍ରା କୁମାନନ୍ ଶୁକ୍ରବାର ଚଳିତ ଏସୀୟ କ୍ରୀଡା ସେଲିଂ ମହିଳା ଡିନ୍‌ଘିରେ କାଂସ୍ୟ ପଦକ ଜିତିଛନ୍ତି। ଚତୁର୍ଥ ଥର ଏହି ମହାଦେଶୀୟ ପ୍ରତିଯୋଗିତାରେ ଭାଗନେଇଥିବା ନେତ୍ରା ପ୍ରଥମ ଥର ପୋଡିୟମ୍ ଫିନିସ୍ କରିଛନ୍ତି। ୨ ଥରର ଅଲିମ୍ପିଆନ୍ ଏହି ୨୯ ବର୍ଷୀୟା ଚେନ୍ନାଇ ଯୁବତୀ ମୋଟ ଉପରେ ୧୪ ପଏଣ୍ଟ (୭ ଫାଇନାଲ୍ ଓ ୭ ଯୋଗ୍ୟତା ରେସ୍) ପାଇ ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କ ଆଗରେ ଥାଇଲାଣ୍ଡର ସୋଫିଆ ମୋଣ୍ଟଗୋମେରି (୫ ପଏଣ୍ଟ) ଏବଂ ସିଙ୍ଗାପୁରର ଜାନିଆ ଆଙ୍ଗ୍ (୧୩ ପଏଣ୍ଟ) ରହି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ୍ତ କରିଥିଲେ। ତେବେ ପୁରୁଷ ବର୍ଗରେ ଅଲିମ୍ପିଆନ୍ ତଥା ଗତ ସଂସ୍କରଣ କାଂସ୍ୟ ବିଜେତା ବିଷ୍ଣୁ ସରବାନନ୍ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି। ଗତ କାଲି ସେଲିଂରୁ ୨ଟି (ରୌପ୍ୟ ଓ କାଂସ୍ୟ) ଆସିଥିଲା। ସ୍କିଫ୍ ପୁରୁଷରେ ମନୁ ଫ୍ରାନ୍‌ସିସ୍ ଓ କୁଟିସିନଙ୍କଲ ନେବଲେ ରୌପ୍ୟ ଏବଂ ମହିଳାରେ ହର୍ଷିତା ତୋମର ଓ ଶୀତଲ ବର୍ମା କାଂସ୍ୟ ପଦକ ଜିତିଥିଲେ।

## ଏସିଆନ୍ ବକ୍ସିଂରେ ହ୍ୟାଟ୍ରିକ ସ୍ୱର୍ଣ୍ଣ

# ଲଭଲିନାଙ୍କ ଗୋଲଡେନ ପଞ୍ଚ୍



ନୂଆଦିଲ୍ଲୀ, ୨।୧୦: ଭାରତୀୟ ବକ୍ସିଂ କ୍ରୀଡ଼ା ଇତିହାସରେ ସୃଷ୍ଟି ହୋଇଛି ଏକ ନୂଆ ସ୍ୱର୍ଣ୍ଣିମ ଅଧ୍ୟାୟ । ଭାରତର ତାରକା ତଥା ଅଲିମ୍ପିକ୍ସ ପଦକ ବିଜେତା ମୁକ୍କାବାଜ ଲଭଲିନା ବୋରଗୋହେନ୍ ଏସିଆନ୍ ଗେମ୍ସ ୨୦୨୬ରେ ଦମଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି ।ଅକ୍ଟୋବର ୨ ତାରିଖ ଅର୍ଥାତ୍ ଆଜି ନିଜର ୨୯ତମ ଜନ୍ମଦିନ ଅବସରରେ ଲଭଲିନା ଦେଶବାସୀଙ୍କୁ ଏହି ଐତିହାସିକ ସ୍ୱର୍ଣ୍ଣ ଭେଟି ଦେଇଛନ୍ତି । ଏହି ବିଜୟ ସହିତ ମହିଳା ବକ୍ସିଂରେ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ପାଇଁ ଭାରତର ୧୨ ବର୍ଷର ଦୀର୍ଘ ଅପେକ୍ଷାର ମଧ ଅନ୍ତ ଘଟିଛି । ମହିଳା ୭୫ କିଲୋଗ୍ରାମ୍ ବର୍ଗର ଫାଇନାଲ ମୁକାବିଲାରେ ଲଭଲିନାଙ୍କ ଆଗରେ ଥିଲେ ଚୀନର ଶକ୍ତିଶାଳୀ ମୁକ୍କାବାଜ ବାଓ ଜିୟୀ । ପ୍ରଥମ ରାଉଣ୍ଡରୁ ହିଁ ଲଭଲିନା ଆକ୍ରମଣାତ୍ମକ ରୂପ ଆପଣାଇ ଚୀନ୍ ବକ୍ସରଙ୍କୁ ଚାପରେ ରଖିଥିଲେ । ସଠିକ୍ ପଞ୍ଚ ଟେକନିକ୍ ବ୍ୟବହାର କରି ସେ ଚୀନ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଣସି ସୁଯୋଗ ଦେଇନଥିଲେ । ଏହି ରୋମାଞ୍ଚକର ମୁକାବିଲାରେ ଲଭଲିନା ୫-୦ର ଏକତରଫା ତଥା ପୂର୍ଣ୍ଣ ସର୍ବସମ୍ମତି ନିଷ୍ପତ୍ତିରେ ବିଜୟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

ଅକ୍ଟୋବର ୨ରେ ଲଭଲିନାଙ୍କ ଜନ୍ମଦିନ ହୋଇଥିବାରୁ ଏହି ସ୍ୱର୍ଣ୍ଣ ପଦକ ତାଙ୍କ ପାଇଁ ଏବଂ ସମଗ୍ର ଭାରତ ପାଇଁ ସ୍ୱତନ୍ତ୍ର । ରିଙ୍ଗ୍ ଭିତରେ ସେ ଦେଖାଇଥିବା ଧୈର୍ଯ୍ୟ ଓ ନିଷ୍ଠା ତାଙ୍କୁ ଜନ୍ମଦିନର ସବୁଠାରୁ ବଡ଼ ଉପହାର ଦେଇଛି । ବିଜୟ ପରେ ଭାରତୀୟ ପାଖାପାଖି ଶିବିରରେ ଉତ୍ସବର ମାହୋଲ ଖେଳିଯାଇଛି । ଏସିଆନ୍ ଗେମ୍ସ ମହିଳା ବକ୍ସିଂରେ ଭାରତ ଶେଷଥର ପାଇଁ ୨୦୧୪ ଇଞ୍ଚିଅନ୍ ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା । ସେତେବେଳେ ଦେଶର କିମ୍ବଦନ୍ତୀ ମୁକ୍କାବାଜ ଏମ୍. ସି. ମେରୀ କମ୍ ଭାରତକୁ ଏହି ଗୌରବ ଆଣି ଦେଇଥିଲେ । ତା'ପରଠାରୁ ଭାରତୀୟ ମହିଳା ବକ୍ସରମାନେ ସ୍ୱର୍ଣ୍ଣର ନିକଟତର ହୋଇଥିଲେ ମଧ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇନଥିଲେ । ୨୦୨୩ ହାଙ୍ଗଜୁ ଏସିଆଡ୍‌ରେ ଲଭଲିନା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିବା ବେଳେ ଏଥର ସେ ନିଜ ପଦକର ରଙ୍ଗ ବଦଳାଇ ସ୍ୱର୍ଣ୍ଣିମ ଇତିହାସ ରଚିଛନ୍ତି । ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ଏବଂ ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିତିସାରିଥିବା ଆସାମର ଏହି ତାରକା ଆଥଲେଟ୍‌ଙ୍କ ସଫଳତାରେ ସମଗ୍ର ଦେଶ ଗର୍ବିତ । ଏହି ଅଭୁତପୂର୍ବ ସଫଳତା ପାଇଁ ପ୍ରଧାନମନ୍ତ୍ରୀ, କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଦେଶର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଲଭଲିନାଙ୍କୁ ଜନ୍ମଦିନର ଶୁଭେଚ୍ଛା ସହ ଏହି ସ୍ୱର୍ଣ୍ଣିମ ବିଜୟ ପାଇଁ ସାଧୁବାଦ ଜଣାଇଛନ୍ତି ।

# ପରଭିନ୍ ଓ ସୁଜିତ୍‌ଙ୍କ ଜଲୱା





ନୂଆଦିଲ୍ଲୀ, ୨।୧୦: ବକ୍ସିଂର ୬୫ କେଜି ମହିଳା ବକ୍ସିଂ ବର୍ଗରେ ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି ପରବୀନ ହୁଡ୍ଡା। ସେ ଆଜି ପାଇନାଲ୍‌ରେ ଚାଇନିଜ ତାଇପେଇର ଚେନଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି। ୮୦ କେଜି ପୁରୁଷ ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି ଅଙ୍କୁଶ। ସେ ଫାଇନାଲରେ କୋରିଆର କିମଙ୍କୁ ୪-୦ ସର୍ବସମ୍ମତିକ୍ରମେ ହରାଇ ଏହି ସଫଳତା ପାଇଛନ୍ତି।

ଫାଇନାଲରେ ପରବୀନଙ୍କୁ ଚେନ କଡା ଟକ୍କର ଦେଇଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତିଥିବା ଚେନ କିନ୍ତୁ ଆରମ୍ଭରୁ ପରବୀନଙ୍କ ମୁକାବିଲା କରି ପାରି ନଥିଲେ। ପ୍ରଥମ ରାଉଣ୍ଡ ପରବୀନଙ୍କ ସପକ୍ଷରେ ଯାଇଥିଲା। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଚେନ କମବ୍ୟାକ କରିଥିଲେ। କାଉଣ୍ଟର ପଞ୍ଚ ସହ ସେ ଏହି ରାଉଣ୍ଡକୁ ପରବୀନଙ୍କ ପାଖରୁ ଛଡାଇ ନେଇଥିଲେ।

ତୃତୀୟ ରାଉଣ୍ଡର ଆରମ୍ଭ ସାମାନ୍ୟ ଧୀମା ରହିଥିଲେ ହେଁ ଦୁଇ ବକ୍ସର ପରସ୍ପରକୁ ଜବରଦସ୍ତ ଟକ୍କର ଦେଇଥିଲେ। ଆରମ୍ଭରୁ ପରବୀନ ଓ ଶେଷ ଭାଗରେ ଚେନ ନିଜର ଯାଦୁ ଦେଖାଇଥିଲେ। ସ୍ଥିତି ବେଶ ରୋମାଞ୍ଚକର ରହିଥିଲା ।ନିଷ୍ପତ୍ତି କାହା ସପକ୍ଷରେ ଯିବ କହିବା ବେଶ ବେଶ ମୁସ୍କିଲ ହୋଇ ଯାଇଥିଲା। ଚେନ ଓ ପରବୀନ ଦମଦାର ଲଢେଇ କରିଥିବାରୁ ଅମ୍ପାୟର ମଧ ନିଜର ରାୟ ଦେବାକୁ କିଛି ସମୟ ନେଇଥିଲେ। ଶେଷରେ ନିଷ୍ପତ୍ତି ୩-୨ରେ ପରବୀନଙ୍କ ସପକ୍ଷରେ ଯାଇଥିଲା। ଆଉ ୬୫ କେଜି ବର୍ଗ ମହିଳା ବକ୍ସିଂ ପରବୀନ ନୂଆ ଏସିଆନ ଗେମ୍ସ ଚାମ୍ପିୟନ ହୋଇଛନ୍ତି।

ସେହିପରି ଅଙ୍କୁଶ ଆଜି ପାଇନାଲ୍‌ରେ ଚାଇନିଜ ତାଇପେଇର ଚେନଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି। ୮୦ କେଜି ପୁରୁଷ ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି ଅଙ୍କୁଶ। ସେ ଫାଇନାଲରେ କୋରିଆର କିମଙ୍କୁ ୪-୦ ସର୍ବସମ୍ମତିକ୍ରମେ ହରାଇ ଏହି ସଫଳତା ପାଇଛନ୍ତି। ସେ ଆଟାକ କରି କିମଙ୍କୁ ଘାଇଲା କରିଥିଲେ। ସେହିପରି କିମ ବାରମ୍ବାର ମୁଣ୍ଡ ତଳେ ରଖି ଲଢେଇ କରୁଥିବାରୁ ତାଙ୍କୁ ଗୋଟିଏ ୱର୍ଣ୍ଣିଂ ମଧ ମିଳିଥିଲା। ଏହି ରାଉଣ୍ଡରେ ୪ ଜଣ ଜଜ ଅଙ୍କୁଶଙ୍କୁ ୧୦ ଲେଖାଏ ପଏଣ୍ଟ ଦେଇଥିବା ବେଳେ ଜଣେ ୯ ପଏଣ୍ଟ ଦେଇଥିଲେ। ତୃତୀୟ ରାଉଣ୍ଡ କୋରିଆର କିମଙ୍କ ପାଇଁ ବେଶ ନିର୍ଣ୍ଣାୟକ ରହିଥିଲା। ଏଥିପାଇଁ ସେ ଅଙ୍କୁଶଙ୍କ ପଛ ପଟ ମୁଣ୍ଡକୁ ମଧ ଆଟାକ କରିଥିଲେ। ଏହି ରାଉଣ୍ଡରେ ଅଙ୍କୁଶ କିଛି ସମୟ ଡିଫେନ୍ସିଭ ଆଭିମୁଖ୍ୟ ମଧ ଦେଖାଇଥିଲେ। ଏହାପରେ କାଉଣ୍ଟର ଆଟାକ କରି ଦେଶ ପାଇଁ ୪-୦ ସର୍ବସମ୍ମତିକ୍ରମେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ରଣଜୀ ଟ୍ରଫି ପାଇଁ ଇଷ୍ଟ କୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ ଭାରତୀୟ ରେଳ କ୍ରିକେଟ୍ ଦଳ ଚୂଡ଼ାନ୍ତ

ଭୁବନେଶ୍ୱର, ୨।୧୦: ଖୋର୍ଦ୍ଧାରୋଡ ମଣ୍ଡଳ ଅଧୀନସ୍ଥ ଇଷ୍ଟ କୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ ଖୋର୍ଦ୍ଧାରୋଡ ରେଳବାଇ ଷ୍ଟାଡିୟମ୍‌ରେ ଭାରତୀୟ ରେଳ ପୁରୁଷ କ୍ରିକେଟ୍ ଦଳର ଚୟନ ପ୍ରକ୍ରିୟା ଓ ପ୍ରଶିକ୍ଷଣ ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ଚୟନିତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ଓ ତାଙ୍କର ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଜି ଷ୍ଟାଡିୟମ୍ ପରିସରରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା ।ଖୋର୍ଦ୍ଧାରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ 1 ଡି. ସୁନୀଲ ଚୟନିତ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ/ଇନ୍‌ଫ୍ରା ଶ୍ରୀ ରାଜଧାରୀ ଯାଦବ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ତଥା ମଣ୍ଡଳ କ୍ରୀଡ଼ା ଅଧିକାରୀ ଶ୍ରୀ ଅନିଲ କୁମାର ଏସ୍., ବରିଷ୍ଠ ମଣ୍ଡଳ ଇଞ୍ଜିନିୟର/ସମନ୍ୱୟ ଶ୍ରୀ ପଙ୍କଜ ନାଗୱାନୀ ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।ଏହି ଅବସରରେ ଡି. ସୁନୀଲ ଚୟନିତ ଖେଳାଳିମାନଙ୍କୁ ଆଗାମୀ ରଣଜୀ ଟ୍ରଫି ପାଇଁ ଶୁଭେଚ୍ଛା ଜଣାଇବା ସହ ଦଳର ସଫଳତା ପାଇଁ ଉତ୍ସାହ ଓ ଆତ୍ମବିଶ୍ୱାସର ସହ ଖେଳିବାକୁ ପ୍ରେରଣା ଦେଇଥିଲେ।



ସେ ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ କ୍ରୀଡ଼ା ପ୍ରତିଭାର ବିକାଶ ଓ ପ୍ରୋତ୍ସାହନ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ରଣଜୀ ଟ୍ରଫିରେ ଅଂଶଗ୍ରହଣ ପାଇଁ ଚୂଡ଼ାନ୍ତ ଦଳ ଖୁବଶୀଘ୍ର ଯାତ୍ରା କରିବ। ଭାରତୀୟ ରେଳ ଦଳ ଆସନ୍ତା ୧୧ ଅକ୍ଟୋବର ୨୦୨୬ରେ ଉତ୍ତରାଖଣ୍ଡ ବିପକ୍ଷରେ ଉତ୍ତରାଖଣ୍ଡରେ ନିଜର ପ୍ରଥମ ରଣଜୀ ଟ୍ରଫି ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ ।ଶ୍ରୀ ଡି. ସୁନୀଲ ଖୋର୍ଦ୍ଧାରୋଡ ରେଳବାଇ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ଶିବିର ପାଇଁ ଇକୋର୍ସୋପକ୍ଷରୁ କରାଯାଇଥିବା ସୁବ୍ୟବସ୍ଥିତ ଆୟୋଜନକୁ ପ୍ରଶଂସା କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଖେଳାଳିମାନଙ୍କୁ ଆଗାମୀ ପ୍ରତିଯୋଗିତା ପାଇଁ ଉପଯୁକ୍ତ ଭାବେ ପ୍ରସ୍ତୁତ କରାଯାଇଥିବା ସେ ଉଲ୍ଲେଖ କରିଥିଲେ।

# ଆଜି ଭାରତ-ୱେଷ୍ଟଇଣ୍ଡିଜ ତୃତୀୟ ଦିନିକିଆ

ନୂଆଦିଲ୍ଲୀ, ୨।୧୦: ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଉଥିବା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଅନ୍ତିମ ତଥା ଶେଷ ମୁକାବିଲା ଆସନ୍ତା ରବିବାର ଖେଳାଯିବ। ନ୍ୟୁ ଚଣ୍ଡିଗଡ଼ରେ ଏହି ମ୍ୟାଚନ ଅନୁଷ୍ଠିତ ହେବ। ତିନି ମ୍ୟାଚ୍‌ର ଏହି ସିରିଜ୍‌କୁ ଟିମ୍ ଇଣ୍ଡିଆ ପୂର୍ବରୁ ହିଁ ୨-୦ରେ କବ୍‌ଜା କରିସାରିଛି। ଏପରି ସ୍ଥିତିରେ, ଶେଷ ମ୍ୟାଚ୍ ଜିତି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ କ୍ଲିନ୍ ସୁଇପ୍ କରିବା ସହ ପ୍ଲେଇଙ୍ଗ୍ ଇଲେଭେନ୍‌ରେ କିଛି ପରିବର୍ତ୍ତନ କରି ବେଞ୍ଚରେ ବସିଥିବା ଖେଳାଳିମାନଙ୍କୁ ପରୀକ୍ଷା କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଯୋଜନା କରୁଛି।

ଭାରତୀୟ ଦଳ ସିରିଜ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ ଗତ କିଛି ମ୍ୟାଚ୍‌ରେ ବୋଲରମାନଙ୍କ ପ୍ରଦର୍ଶନ ଏବଂ ପିଚ୍‌ର ମିଜାଜ୍ ଚିନ୍ତାର ବିଷୟ ପାଲଟିଛି। ଗତ ଦିନିକିଆରେ ଉଭୟ ଦଳ ପକ୍ଷରୁ ମୋଟ ୮୦୦ରୁ ଅଧିକ ରନ୍ ସ୍କର ହୋଇଥିଲା, ଯାହା ବୋଲିଂ ଏବଂ ବ୍ୟାଟିଂ ମଧ୍ୟରେ ଅନ୍ତରକୁ ସ୍ପଷ୍ଟ କରିଛି। ମୁଖ୍ୟ ପ୍ରଶ୍ନ ହେଉଛି ବ୍ୟାଟ୍ ଏବଂ ବଲ୍ ମଧ୍ୟରେ ସନ୍ତୁଳନ ରକ୍ଷା କରିବା, ଯାହାକୁ ନେଇ କୋଚ୍ ଗୌତମ ଗମ୍ଭୀର ମଧ ନିଜର ଅସନ୍ତୋଷ ପ୍ରକାଶ କରିସାରିଛନ୍ତି।

ଶେଷ ଦିନିକିଆ ପୂର୍ବରୁ ଟିମ୍ ଇଣ୍ଡିଆକୁ ଝଟକା ଲାଗିଛି। ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଆହତ ହୋଇ ସିରିଜ୍‌ରୁ ବାଦ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଯୁବ ଅଲରାଉଣ୍ଡର ଅଂଶୁଲ କମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ସିରିଜ୍ ହାତେଇ ସାରିଥିବାରୁ ଟିମ୍ କିଛି ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇ ବେଞ୍ଚରେ ବସିଥିବା ଯୁବ ପ୍ରତିଭାମାନଙ୍କୁ ସୁଯୋଗ ଦେଇପାରେ।

ପ୍ରସିଦ୍ଧ କ୍ରିଷ୍ଣାଙ୍କ ଅନୁପସ୍ଥିତିରେ ଅନ୍ୟ ଅପେକ୍ଷାକୃତ ଅଭିଜ୍ଞତା କମ୍ ଥିବା ବୋଲରଙ୍କୁ ମୈଦାନକୁ ଓହ୍ଲାଇବାର ସମ୍ଭାବନା ରହିଛି। ରବିବାର ମହାରାଜା ଯାଦବୀନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍ (ମୁଲ୍ଲାପୁର)ରେ ଖେଳାଯିବାକୁଥିବା ଏହି ମ୍ୟାଚ୍‌ରେ ଭାରତୀୟ କ୍ୟାପ୍‌ଟେନ୍ ଚୂଡ଼ାନ୍ତ ଏକାଦଶରେ କି କି ବଡ଼ ପରିବର୍ତ୍ତନ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,